


# ମାନବ ଜୀବନ ଭାସେ ଦୁଃଖ ସମୁଦ୍ରରେ

ଜୀବନ ହେଉଛି ଈଶ୍ୱରଙ୍କର ବ୍ୟକ୍ତରୂପ । ଜୀବନ ଆନନ୍ଦ । ଜୀବନ ହେଉଛି ଆତ୍ମାନନ୍ଦର ପ୍ଲାବନ । ଜୀବନ ହେଉଛି ଏକ ଚେତନାର ସ୍ରୋ । ଜୀବନର ପ୍ରତିଟି ଅଣୁ ସ୍ପନ୍ଦନଶୀଳ । ସକଳ ବସ୍ତୁରେ ଜୀବନ ବିଦ୍ୟମାନ । ନିର୍ଜୀବ ବୋଲି କୌଣସି ବସ୍ତୁ ହିଁ ନାହିଁ । ଖଣ୍ଡିଏ ପଥର ବି ଜୀବନ ରହିଛି । ବସ୍ତୁମାତ୍ରେ ଯେ ଜୀବନର ସ୍ପନ୍ଦନ ପୂର୍ଣ୍ଣ, ତାହା ଅତ୍ୟାଧୁନିକ ବୈଜ୍ଞାନିକମାନେ ସଂପୂର୍ଣ୍ଣ ରୂପେ ପ୍ରମାଣ କରିସାରିଛନ୍ତି । ଜୀବନ ଅଛି ତ ଯନ୍ତ୍ରଣା ନିଶ୍ଚିନ୍ତ ରହିବ । ତେବେ କିପରି ଯନ୍ତ୍ରଣାର କ୍ଷତ କମ ହେବ ଏ ନେଇ ଅନେକ ଆମେ ଧର୍ମଶାସ୍ତ୍ର ଅଧ୍ୟୟନ କରିଥାଉ । ଜୀବନ ଯନ୍ତ୍ରଣା ପ୍ରସଙ୍ଗରେ ଏକ ଛୋଟିଆ କଥାଟି ଏଠାରେ ଉପସ୍ଥାପନ କରୁଛି । ଜଣେ ଅସୁଖୀ ଯୁବକ ଦିନେ ଜଣେ ଜ୍ଞାନୀ ବ୍ୟକ୍ତିଙ୍କୁ ଭେଟି ନିଜର ଦୁଃଖ ଜଣାଇଲେ । କ'ଣ କଲେ ଦୁଃଖ-ଯନ୍ତ୍ରଣା ଦୂର ହେବ ପଚାରିଲେ । ଜ୍ଞାନୀ ଗୋଟିଏ ଗ୍ଲାସ୍ ପାଣିରେ ମୁଠାଏ ଲୁଣ ମିଶାଇ, ତାଙ୍କୁ ପିଇବାକୁ ଦେଲେ । ଯୁବକ ଭାବିଲେ ପରୀକ୍ଷା କରାଯାଉଛି, ସେ ପିଇଦେଲେ । ଲୁଣପାଣିତକ ଢ଼ୋକିବା ପାଇଁ ତାଙ୍କୁ ବେଶ୍ କଷ୍ଟ କରିବାକୁ ପଡ଼ିଲା । ଯନ୍ତ୍ରଣା ଅଧିକ ନୁହେଁ କି କମ୍ ନୁହେଁ । ସବୁବେଳେ ସମାନ । ତେବେ ଯନ୍ତ୍ରଣାରେ ଅନୁଭବ ନିର୍ଭର କରୁଛି, ଆମେ ତାକୁ କେଉଁଠି ରଖିଛେ, ତା ଉପରେ । ଗ୍ଲାସ ପରି ନ ହୋଇ ହ୍ରଦ ପରି ନିଜକୁ ବିସ୍ତାରିତ କର । ଯନ୍ତ୍ରଣା ଅନୁଭୂତ ହେବନାହିଁ । ନିଜକୁ ଯେତେ ଅଧିକ ବିସ୍ତାରିତ କରିବ ବା ଅନ୍ୟ କାର୍ଯ୍ୟରେ ଯେତେ ଅଧିକ ନିୟୋଜିତ ହେବ, ଯନ୍ତ୍ରଣା ସେତିକି କମ୍ ଅନୁଭୂତ ହେବ । ଆମେ ପ୍ରତ୍ୟେକେ ହେଉଛୁ ଜଣେ ତୀର୍ଥଯାତ୍ରୀ । ଆମେ ଚାଲିଯିବା ପାଇଁ ଆସିଥାଉଁ । ଈଶ୍ୱର ହିଁ ଆମର ଲକ୍ଷ୍ୟସ୍ଥଳ । ଆମେ ଯେଉଁ ଉତରାଧିକାରୀ ହରାଇବସିଛୁ, ଯେଉଁ ଉତରାଧିକାରୀ ସୂତ୍ରରେ ପାଇଥିବା ସମ୍ପତି ବିଷୟ ଆମେ ପାଶୋରି ଯାଇଛୁ, ସେହି ଅଧିକାର, ସେହି ସମ୍ପତି ଅନ୍ୱେଷଣ କରିବା ହିଁ ଆମର କାର୍ଯ୍ୟ । ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ ମାର୍ଗ ନିର୍ଦ୍ଦେଶ କରିଛନ୍ତି – 'ଈଶ୍ୱରଙ୍କ ସହିତ ଆମର ଅଭିନ୍ନତ୍ୱ ରହିଛି – ଏ ବିଷୟରେ ଏକ ସଚେତନ ଉପଲବ୍ଧି ଜାଗ୍ରତ କରାଇବା ହିଁ ଜୀବନର ପ୍ରଧାନ ମୌଳିକ ଲକ୍ଷ୍ୟ । ଏଥିରୁ ପୃଥକ ହୋଇଗଲେ ଜୀବନର କୌଣସି ଅର୍ଥ ରହେନାହିଁ । ଜୀବନ ଯେତେବେଳେ ପୂର୍ଣ୍ଣ ବା ସାମୂହିକ ହୋଇଯାଏ, ଯେତେବେଳେ ଜୀବାତ୍ମା ପରମାତ୍ମାରେ ମିଳିତ ହୋଇଯାଏ, ସେତେବେଳେ ଜୀବନ ସାର୍ଥକ ଓ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇଯାଏ ।' ଆମେ ଯେଉଁଠାରୁ ଆସିଥାଉ, ସେଠାକୁ ଫେରିଯିବା; ଏହା ହିଁ ଜୀବନର ପ୍ରକୃତ ଲକ୍ଷ୍ୟ । ନଦୀ ଯେପରି ତାର ଜଳର ଅନ୍ତିମ ଉତ୍ପତିସ୍ଥଳ ସାଗର ସହିତ ସଂଯୁକ୍ତ ହେବାକୁ ଅବିଶ୍ରାନ୍ତ ଗତିରେ ଧାବମାନ; ଅଗ୍ନି ଯେପରି ଅସ୍ଥିର ଶିଖା ବିସ୍ତାର କରି ତାର ମୌଳିକ ତତ୍ତ୍ୱରେ ବିମିଶ୍ରତ ହୋଇଯିବାକୁ ପ୍ରଜ୍ୱଳିତ, ଆମକୁ ସେହିପରି ସେହି ପରମକାରଣଙ୍କର କୃପା ଲାଭ କରିବା ପାଇଁ, ତାଙ୍କରି ସହିତ ମିଳିତ ହୋଇଯିବା ପାଇଁ ଏହି ଧରାପୃଷ୍ଠରେ ଅବିଶ୍ରାନ୍ତଭାବରେ ଉଦ୍ୟମଶୀଳ ହେବାକୁ ପଡ଼ିଥାଏ । ଜନସେବା ଓ ଭଗବତ ଭକ୍ତିରେ ହିଁ ପ୍ରକୃତ ଜୀବନର ରହସ୍ୟ ନିହିତ । ଅପରକୁ ସାହାଯ୍ୟ କରିବା ଲାଗି ଜୀବନ ଧାରଣ କରନ୍ତୁ । ସେହିପରି ଜୀବନ ଯାପନ କଲେ ହିଁ ଆପଣଙ୍କ ଭିତରେ ଦିବ୍ୟଶକ୍ତିର ସ୍ରୋତ ସଞ୍ଜୀବନୀ ଶକ୍ତି ହୋଇ ପ୍ରବାହିତ ହେବ । ଜୀବନକୁ ନିତ୍ୟାନନ୍ଦମୟ କରିଦିଅନ୍ତୁ । ସତ୍ୟରୁ ଆନନ୍ଦ ଲାଭ କରନ୍ତୁ । ତପଃରୁ ଆନନ୍ଦ ଲାଭ କରନ୍ତୁ । ପ୍ରତ୍ୟେକଟି ଦିନକୁ ଜୀବନର ଅନ୍ତିମ ଦିବସ ବୋଲି ଗ୍ରହଣ କରି ଦିନର ପ୍ରତିଟି ମୁହୂର୍ତ୍ତ ପ୍ରାର୍ଥନା, ଧ୍ୟାନ ଓ ସେବାରେ ନିୟୋଜିତ କରନ୍ତୁ । ଆପଣଙ୍କ ଜୀବନ ଭଗବତ ପଦାରବିନ୍ଦରେ ଏକ ନିୟତ-ଉତ୍ସର୍ଗରେ ପରିଣତ ହୋଇଯାଉ । ଜୀବନ ପ୍ରସଙ୍ଗରେ ଆଲୋଚନା ରଖିବାବେଳେ ବ୍ୟାସକବି ଫକୀରମୋହନଙ୍କ କାଳଜୟୀ ଓ ସ୍ମରଣୀୟ ଧାଡ଼ିଟି ମନେପଡୁଛି – 'ମାନବ ଜୀବନ ଭାସେ ଦୁଃଖ ସମୁଦ୍ରରେ, ଜନମ କାଳରେ ଦୁଃଖ, ଦୁଃଖ ଶୈଶବରେ, ଯୌବନରେ ଅଛି ଦୁଃଖ ବାର୍ଦ୍ଧକ୍ୟେ, ମରଣେ । ମହାଦୁଃଖଚକ୍ରେ ଆବର୍ତିତ ଲୋକଗଲେ ।'

*ଆଇନଜୀବୀ, ବଙ୍ଗାଳିସାହି, କଟକ*

# ରାଜନୈତିକ ଦଳଙ୍କୁ ଚାନ୍ଦା



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ରାଜନୈତିକ ଦଳମାନଙ୍କୁ ବେନାମୀ ଭାବରେ ଇଲେକ୍ଟୋରୀ ଦଣ୍ଡ ଜରିଆରେ ଚାନ୍ଦା ପ୍ରଦାନକୁ ଅସାମ୍ବିଧାନିକ ଦର୍ଶାଇ ସୁପ୍ରିମକୋର୍ଟ ରଦ୍ଦ କରିବା ପରେ ୨୦୨୪-୨୫ ଆର୍ଥୀକ ବର୍ଷ ହେଉଛି ପ୍ରଥମ ବର୍ଷ ଯେଉଁ ବର୍ଷରେ କେନ୍ଦ୍ରରେ କ୍ଷମତାସୀନ ଥିବା ଭାରତୀୟ ଜନତା ପାର୍ଟି (ବିଜେପି) ପାଇଥିବା ଚାନ୍ଦା ମୁଖ୍ୟ ବିରୋଧି ଦଳ କଂଗ୍ରେସ କିମ୍ବା ଦେଶର ଅନ୍ୟ ସମସ୍ତ ବିରୋଧି ଦଳମାନଙ୍କ ତୁଳନାରେ ପ୍ରାୟ ୩ଗୁଣରୁ ଅଧିକ ରହିଛି । ନିର୍ବାଚନ କମିଶନଙ୍କୁ ରାଜନୈତିକ ଦଳଗୁଡିକ ପ୍ରଦାନ କରିଥିବା ସେମାନଙ୍କର ଆୟ ତଥା ପାଇଥିବା ଚାନ୍ଦା ସଦସ୍ୟ ଦେୟ ଓ ଅନ୍ୟାନ୍ୟ ଉତ୍ସରୁ ଆୟ କରିଥିବା ତଥ୍ୟରୁ ଏହା ଜଣାଯାଇଛି । ରାଜନୈତିକ ଦଳଗୁଡିକ ସେମାନଙ୍କର ଆୟ ସମ୍ପର୍କରେ ପ୍ରତିବର୍ଷ ରିପୋର୍ଟ ନିର୍ବାଚନ କମିଶନଙ୍କୁ ପ୍ରଦାନ କରିବା ବାଧ୍ୟତାମୂଳକ ବ୍ୟବସ୍ଥା ରହିଥିବା ହେତୁ ଗତ ୧୦ତାରିଖ ସୁଦ୍ଧା ସମସ୍ତ ଦଳ ସେମାନଙ୍କର ବିଭିନ୍ନ ଉତ୍ସବରୁ ଆୟ ଏବଂ କାହାଠାରୁ କେତେ ଚାନ୍ଦା ପାଇଛନ୍ତି, ତାର ରିପୋର୍ଟ ପ୍ରଦାନ କରିଥିଲେ । ନିର୍ବାଚନ କମିଶନଙ୍କ ଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୨୪-୨୫ ଆର୍ଥୀକ ବର୍ଷରେ ବିଜେପିକୁ ସର୍ବାଧିକ ୬୬୫୪ କୋଟି ୯୩ଲକ୍ଷ ଟଙ୍କା ଚାନ୍ଦା ମିଳିଛି । ସେହିପରି ବିଜେପି ପଛକୁ ମୁଖ୍ୟ ବିରୋଧି ଦଳ କଂଗ୍ରେସକୁ ୫୨୨କୋଟି ୧୩ଲକ୍ଷ ଟଙ୍କା ଚାନ୍ଦା ମିଳିଥିବାବେଳେ ତୃଣମୂଳ କଂଗ୍ରେସ ୧୮୪ କୋଟି ୮ଲକ୍ଷ, ଭାରତ ରାଷ୍ଟ୍ର ସମିତି ୧୫କୋଟି ୯ଲକ୍ଷ, ଆମ ଆଦମୀ ପାର୍ଟି ୩୯କୋଟି ୨ଲକ୍ଷ, ତେଲୁଗୁ ଦେଶମ ପାର୍ଟି ୮୫କୋଟି ୨ଲକ୍ଷ, ବିଜୁ ଜନତା ଦଳ (ବିଜେଡି) ୯୦ କୋଟି ପାଇଛି । ଉଲ୍ଲେଖଯୋଗ୍ୟ ଯେ, ବିଜେପି ଗଲା ୬ବର୍ଷରେ ୨୦୨୪-୨୫ ବର୍ଷରେ ସର୍ବାଧିକ ଚାନ୍ଦା ପାଇଛି । ଗୋଟିଏ ପଟେ ବିଜେପି, ଟିଡ଼ିପି, ଆମ ଆଦମୀ ପାର୍ଟିକୁ ଚାନ୍ଦା ୨୦୨୩-୨୪ ବର୍ଷ ତୁଳନାରେ ଅଧିକ ଚାନ୍ଦା ମିଳିଥିବା ବେଳେ ଅନ୍ୟ ସମସ୍ତଙ୍କର ଆୟ ହ୍ରାସ ପାଇଛି । ୨୦୨୩-୨୪ରେ ବିଜେପିକୁ ୩୯୬୭ କୋଟି ମିଳିଥିବା ଏଥର ପାଇଥିବା ଚାନ୍ଦା ୬୮ପ୍ରତିଶତ ଅଧିକ । ସେହିପରି କଂଗ୍ରେସର ଆୟ ୨୦୨୩-୨୪ ତୁଳନାରେ ୪୩ପ୍ରତିଶତ ହ୍ରାସ ପାଇଛି ।୨୦୨୩-୨୪ କଂଗ୍ରେସ ୧୧୨୯ କୋଟି ଟଙ୍କା ଚାନ୍ଦା ପାଇଥିବାବେଳେ ଏଥର ଏହାର ଅର୍ଦ୍ଧେକ ତଥା ୫୨୨କୋଟି ୧୩ଲକ୍ଷ ଟଙ୍କା ପାଇଛି । କେବଳ ଏତିକି ନୁହେଁ, ବିଜେପିକୁ ମିଳିଥିବା ମୋଟ ଚାନ୍ଦାର ପରିମାଣ ଦେଶର ଅନ୍ୟ ସମସ୍ତ ରାଜନୈତିକ ଦଳଗୁଡିକୁ ମିଳିଥିବା ମୋଟ ଚାନ୍ଦାଠାରୁ ୮୫ପ୍ରତିଶତ ଅଧିକ । ସେହିପରି ଦେଶର ମାତ୍ର ୯ଟି ଇଲେକ୍ଟୋରାଲ ଟ୍ରଷ୍ଟ ରାଜନୈତିକ ଦଳଗୁଡିକୁ ମୋଟ ୩୮୧୧କୋଟି ଟଙ୍କା ଚାନ୍ଦା ଦେଇଥିବାବେଳେ ବିଜେପି ଏକାକୀ କେବଳ ୩୧୧୨ କୋଟି ଟଙ୍କା ପାଇଛି । ଯାହାକି ମୋଟ ଚାନ୍ଦାର ଚାରି ପଂଚମାଂଶ ଠାରୁ ଅଧିକ । ବିଭିନ୍ନ ଟ୍ରଷ୍ଟରୁ ମିଳିଥିବା ରିପୋର୍ଟ ସୂଚନା ଦେଉଛି ଯେ, ସେମାନଙ୍କ ଠାରୁ ମୋଟ ଚାନ୍ଦାର ମାତ୍ର ୮ପ୍ରତିଶତ ଅର୍ଥାତ ୨୯୯ କୋଟି କଂଗ୍ରେସ ପାଇଥିବାବେଳେ ଅବଶିଷ୍ଟ ଚାନ୍ଦା ତଥା ୪୦୦କୋଟି ଅର୍ଥାତ ୧୦ପ୍ରତିଶତରୁ କମ୍ ଅନ୍ୟ ସମସ୍ତ ରାଜନୈତିକ ଦଳଙ୍କ ଖାତାକୁ ଯାଇଛି । ଇଲେକ୍ଟୋରାଲ ଟ୍ରଷ୍ଟ ହେଉଛି ଚାନ୍ଦା ବା ଦାନ ପାଇଁ ଏକ ମାତ୍ର ପଥ, ଯେଉଁଥିରେ ବିଭିନ୍ନ ସଂସ୍ଥା ସେମାନଙ୍କର ଚାନ୍ଦା ରଖି ରାଜନୈତିକ ଦଳମାନଙ୍କୁ ପ୍ରଦାନ କରିଥାନ୍ତି । ଏବେ ପ୍ରଶ୍ନ ଉଠୁଛି, ସର୍ବାଧିକ ଚାନ୍ଦା ପାଇଲେ ନିର୍ବାଚନରେ ବିଜୟୀ ହେବା ପାଇଁ ଗୋଟିଏ ଦଳ ପାଇଁ କ'ଣ ଅବଶ୍ୟମ୍ଭାବୀ କି ? ନିଶ୍ଚିତ ଭାବରେ ଏଥିରେ କୌଣସି ଗ୍ୟାରେଂଟି ନାହିଁ ବୋଲି କୁହାଯାଇପାରେ । ମାତ୍ର ସର୍ବାଧିକ ଚାନ୍ଦା ପାଇଥିବା ଦଳ ଅନ୍ୟମାନଙ୍କ ତୁଳନାରେ ବହୁ କିଛି ସୁବିଧା ସୁଯୋଗ ହାସଲ କରିପାରିବ, ଏଥିରେ ସନ୍ଦେହ ନାହିଁ । ବିଶେଷ କରି ନିର୍ବାଚନ ପ୍ରଚାରରେ ହାତଖୋଲି ବ୍ୟୟ କରିପାରିବ । ବୈଦ୍ୟୁତିକ ମିଡିଆ, ସାମାଜିକ ମିଡିଆ ସହ ସଭା, ଶୋଭାଯାତ୍ରା, ସମିତି, ବ୍ୟାନର, ହୋଡିଂ ଏବଂ ପ୍ରଚାର କ୍ଷେତ୍ରରେ ଅନ୍ୟ ଦଳମାନଙ୍କ ଠାରୁ ଆଗୁଆ ରହିବା ସହ ଘରେ ଘରେ ନିଜକୁ ପରିଚିତ କରାଇବାରେ ସମର୍ଥ ହେବା ଆଶା ରହିଛି । ଆହୁରି ମଧ୍ୟ ଜନମତକୁ ପ୍ରଭାବିତ କରି ପାରିପାରିବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ଶିଳ୍ପ ଜଗତରୁ ସର୍ବାଧିକ ଦାନ ପାଇଥିବା ଦଳ କ୍ଷମତାସୀନ ହେଲେ, ଦାନକାରୀ ସରକାରଙ୍କ ଠାରୁ ଅହେତୁକ ଅନୁକମ୍ପା ପାଇବାକୁ ସମର୍ଥ ହେବା କୁହାଯାଇପାରେ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ

# 'ଫର୍ଟି ଆଣ୍ଡ ମ୍ୟାରେଡ଼ ଷ୍ଟିଲ ନୋ କିଡ଼, ଇଟ୍ସ ଆୱାର ଚଏସ'

ଜୀବନ ଓ ଜୀବନାନନ୍ଦ କହିଲେ ପାରମ୍ପରିକ ଭାବଧାରାର ସ୍ୱାମୀ ସନ୍ତାନ ସନ୍ତତି ଓ ପରିବାର । ତେବେ ବର୍ତମାନର ସମୟକୁ ଦେଖିଲେ ଏହି ପରମ୍ପରାର ଆବହମାନ କାଳ ଧରି ଗଢ଼ି ଆସିଥିବା ଭାବଧାରା ଅନେକ ମହିଳାଙ୍କ ପାଇଁ ହେଉଛି ପୁରୁଣାକାଳିଆ ସେମାନେ ନିଜ କ୍ୟାରିୟର, ସ୍ୱାଧୀନତା, ବୃତିଗତ ଜୀବନ ଓ ଖୋଲା ସୁଖ ସୌଚ୍ଛନ୍ଦ୍ୟଭରା ଜୀବନ ଢ଼େଙ୍ଗାରେ ନିଜ ଇଛାରେ ବଂଚିବା ପାଇଁ ବେଶି ପସନ୍ଦ କରୁଛନ୍ତି । ସେମାନଙ୍କ ଚିନ୍ତାଧାରାରେ ସନ୍ତାନସନ୍ତତି ଜନ୍ମ ଭଗବାନଙ୍କ ବରଦାନ ନୁହଁ ବଦଳରେ ଏହା ଏକ ବୋଝ । ଆମ ଭାରତରେ ମହିଳା ପ୍ରଜନନ ହାରର ଗ୍ରାଫ ଦ୍ରୁତ ଭାବେ ତଳମୁହାଁ । ଦିନଥିଲା ବୋଧେ ଚାଳିଶ ବର୍ଷ ତଳର କଥା ଜାପାନ, ତୁର୍କୀ, କୋରିଆ, ଚାଇନା ଓ ଥାଇଲ୍ୟାଣ୍ଡ ପରି ଦେଶ ନିଜ ଦେଶର ଜନସଂଖ୍ୟାକୁ ନେଇ ବ୍ୟତିବ୍ୟସ୍ତ ହୋଇପଡ଼ି ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଅନେକ ସରକାରୀ ଓ ପ୍ରୋତ୍ସାହନ ମୂଳକ ଯୋଜନା ହାତକୁ ନେଇଥିଲେ । ଭାରତର ସବୁଠାରୁ ଜନବହୁଳ ରାଷ୍ଟ୍ର ଭାରତର ଜନସଂଖ୍ୟା ହେଉଛି ୧୪୬.୩୯ କୋଟି । ଜାତିସଂଘର ଏକ ତଥ୍ୟ ଭିତିକ ରିପୋର୍ଟ ଅନୁଯାୟୀ ୨୦୨୫ ଶେଷ ସୁଦ୍ଧା ଭାରତର ଜନସଂଖ୍ୟା ହେବ ବିଶ୍ୱର ସର୍ବୋଚ୍ଚ ଭାବେ ୧୪୬.୮୯ କୋଟି । ତେବେ ଜାତିସଂଘର ରିପୋର୍ଟ ଯାହା ଦର୍ଶାଇଛି ଯେ ପ୍ରକୃତ ସଙ୍କଟ ଅତିରିକ୍ତ ଜନସଂଖ୍ୟା ନୁହେଁ ବରଂ କୋଟି କୋଟି ପୁରୁଷ ଓ ନାରୀ ନିଜ ନିଜର ଚାହିଦା ଅନୁସାରେ ସନ୍ତାନ ଧାରଣ କରିପାରିନାହାଁନ୍ତି ଯାହାକୁ ଦି ରିୟଲ ଫର୍ଟିଲିଟି କାଏସିସ୍ ବା ବାସ୍ତବ ପ୍ରଜନନ ସଙ୍କଟ କୁହାଯାଏ ।

୨୦୨୫ର ଏକ ସରକାରୀ ତଥ୍ୟର ପରିସଂଖ୍ୟାନ କହୁଛି ୦-୧୪ ବର୍ଷ ବୟସ୍କଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୨୪ ପ୍ରତିଶତ । ସେହିପରି ୧୦-୧୯ ବର୍ଷ ବୟସ୍କଙ୍କ ସଂଖ୍ୟା ୧୭ ପ୍ରତିଶତ ଓ ୧୦-୨୬ ବର୍ଷ ବୟସ୍କଙ୍କ ସଂଖ୍ୟା ୨୬ ପ୍ରତିଶତ ।

ଆଜିକାଲିର ସମୟକୁ ଦେଖିଲେ ନିକଟରେ ମାସ ମ୍ୟୁଚିଆଲ ନାମକ ଏକ ଆନ୍ତର୍ଜାତିକ ଗବେଷଣା ସଂସ୍ଥାର ତଥ୍ୟ ମୁତାବକ ନିଃସନ୍ତାନ ରହିବା ଦ୍ୱାରା ଆର୍ଥିକ ସ୍ୱାଧୀନତା ପ୍ରାପ୍ତ ହୋଇଥାଏ ବୋଲି ଅନେକ ଦମ୍ପତି ମତ ରଖିଛନ୍ତି । ବିଶ୍ୱର ଅଧିକାଂଶ ପିତାମାତା ପ୍ରତ୍ୟେକ ଶିଶୁଙ୍କର ଜନ୍ମ ଠାରୁ ୧୮ ବର୍ଷ ପର୍ଯ୍ୟନ୍ତ ପହଂଚିବା ପର୍ଯ୍ୟନ୍ତ ପାଖାପାଖି ୨୪୦,୦୦୦ ଡଲାର ଖର୍ଚ୍ଚ କରନ୍ତି । ତେବେ ବିଶ୍ୱବିଖ୍ୟାତ ପତ୍ରିକା 'ଲାନସେଟ'ର ତଥ୍ୟ ଅନ୍ୟ କିଛି ସୂଚାଉଛି । ଏହି ରିପୋର୍ଟ ମୁତାବକ ୧୯୭୦ ପର ଠାରୁ ବିଶ୍ୱରେ ଶୁକ୍ରାଣୁ ସଂଖ୍ୟା ପାଖାପାଖି ୫୦ ପ୍ରତିଶତ ହ୍ରାସ ପାଇଲାଣି । ଏକ ବିଂଶ ଶତାବ୍ଦୀରେ ଏପରି ଦ୍ରୁତ ହ୍ରାସ ଚିନ୍ତା ଜନକ । ବୟସ ବଢ଼ିବା ସହ ପୁରୁଷ ପ୍ରଜନନ କ୍ଷମତା କମିଥାଏ । ସେହିପରି ବିଳମ୍ବରେ ଘର ସଂସାର କରିବା କିମ୍ବା ବିଳମ୍ବରେ ପିଲାପିଲି ପାଇଁ ଉଦ୍ୟମ କରିବା ଏକ ପ୍ରମୁଖ କାରଣ । ବଦଳୁଥିବା ଜୀବନଶୈଳୀ ପ୍ରଜନନ କ୍ଷମତାକୁ କମାଉ ଥିବାବେଳେ ଜୀବନ ଯାପନ ଶୈଳୀ ଓ ପରିବେଶର ପରିପାର୍ଶ୍ୱିକ କାରଣ ପ୍ରଜନନ କ୍ଷମତା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ



ଡାକ୍ତର ଶୁଭଶ୍ରୀ ମିଶ୍ର

ରଖିଥାଏ । ଏହିପରି ଏକ ଆଲୋଚନା କଲାବେଳେ ବିଶ୍ୱର ଅନ୍ୟତମ ଅଭିବୃଦ୍ଧି ସମ୍ପନ୍ନ ଦେଶ ଜାପାନ କଥା ଚିନ୍ତା କରାଯାଉ । ଖୋଦ ଜାପାନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଯେଉଁ ରିପୋର୍ଟ ପ୍ରକାଶ କରିଛି, ୨୦୨୪ ମସିହାରେ ୭,୨୦,୯୮୮ ଶିଶୁ ଜନ୍ମ ହୋଇଛନ୍ତି । ଜାପାନରେ ପ୍ରଥମଥର ଏହି ପ୍ରବଣତା ୧୮୯୯ ମସିହାରେ ଲକ୍ଷ୍ୟ କରାଯାଇଥିଲା । ଏହାର ବଡ଼ କାରଣ ହେଉଛି ଲୋକମାନଙ୍କ ଭିତରେ ସନ୍ତାନ ଜନ୍ମ କରିବାର ଆଗ୍ରହ ରହୁନି । ଏପରି ଏକତ୍ର ବାସ କରୁଥିଲେ ମଧ୍ୟ ଏକ ପ୍ରକାର ସର୍ତ ରଖୁଛନ୍ତି ଯେ କେହି କାହା ଉପରେ ପିଲା ଜନ୍ମ କରିବା ପ୍ରସଙ୍ଗକୁ ନେଇ ଚାପ ସୃଷ୍ଟି କରିବ ନାହିଁ । ସୂଚନାଥାଉକି ଜାପାନ ସରକାର ଶିଶୁ ଯତ୍ନ ନୀତି ପ୍ୟାକେଜ ଆରମ୍ଭ କରି ମଧ୍ୟ ଜନ୍ମହାର ଉତ୍ସାହ ଜନକ ନୁହେଁ ।

ଜେନ ଜି (ଜେଡ଼) ଓ ମିଲେନିଆଲଙ୍କ ମଧ୍ୟରେ ପ୍ରତି ଚାରି ଜଣଙ୍କ ଭିତରୁ ଜଣେ ସନ୍ତାନ ଜନ୍ମ କରିବା ପ୍ରତି ଅନାଗ୍ରହ ପ୍ରକାଶ କରୁଛନ୍ତି । ପୂର୍ବ ପ୍ରଜନ୍ମ ତୁଳନାରେ ପରିବାରର ଆକାର କମିଯାଉଛି । ଯୌଥ ପରିବାର ପରିବର୍ତେ ଏକକ ପରିବାରର ପ୍ରଚଳନ ବଢୁଛି । ଅଧିକାଂଶ ଜେନ ଜି ଓ ମିଲେ ନିଆଲ୍ସ ଅନ୍ୟ ମାନଙ୍କ ଅପେକ୍ଷା ନିଜ ଉପରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି । ନିଜ ପାଇଁ ଆବଶ୍ୟକୀୟ ସୁବିଧା, ଅୟସ, ଆରାମ ଓ ନିଜ ସୁଖଶାନ୍ତି ତଥା ଉନ୍ନତ ଜୀବନଶୈଳୀ ପାଇଁ ଏମାନେ ସନ୍ତାନ ଜନ୍ମ କରିବାକୁ ଏକ ବୋଝ ଭାବୁଛନ୍ତି । ଏହି କ୍ରମରେ ଡିଙ୍କ ଓ ପେଟ ପ୍ୟାରେଂଟିଂ ପରି ନୂତନ ଧାରା ସାମିଲ ହେବାରେ ଲାଗିଛି । ଡିଙ୍କ ଅର୍ଥାତ ଡବଲ ଇନକମ ଆଣ୍ଡ ନୋ କିଡ଼ । ବୁଝି ପାରିଲେ ତ ? ଉଭୟ ପିତାମାତା ରୋଜଗାର କରୁଥିଲେ ମଧ୍ୟ ସେମାନେ ସନ୍ତାନ କରିବାକୁ ରାଜି ନୁହଁ । ଏହା ସେମାନଙ୍କର ନିଜସ୍ୱ ଇଛା । ଆପଣମାନେ ସାମାଜିକ ଗଣମାଧ୍ୟମ ବ୍ୟବହାର କରୁଥିଲେ କେବେ ନା କେବେ ଏପରି କିଛି କ୍ୟାପସନ ନିହାତି ଭାବରେ ଦେଖିବେ ଯେ 'ଫର୍ଟି ଆଣ୍ଡ ମ୍ୟାରେଡ଼ ଷ୍ଟିଲ ନୋ କିଡ଼, ଇଟ୍ସ ଆୱାର ଚଏସ' ଏହାର ଅର୍ଥ ବୁଝାଇବା ଅନାବଶ୍ୟକ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ୪୦ ବର୍ଷର ବିବାହିତ ଦମ୍ପତିଙ୍କ ପାଇଁ ସନ୍ତାନ ଧାରଣ ନକରିବା ସଂପୂର୍ଣ୍ଣ ଭାବରେ ନିଜସ୍ୱ ଇଛା । ଦେଶ ବିଦେଶରେ ବିଭିନ୍ନ ସ୍ଥାନ ବୁଲିବା, ଏକ ସ୍ୱଚ୍ଛଳ ଜୀବନଯାପନ କରିବାରେ ଏହି ପ୍ରଜନ୍ମର ଦମ୍ପତି ପ୍ରାଥମିକତା ଦେଉଛନ୍ତି । ସ୍ନେହ କରିବା ପାଇଁ କିମ୍ବା ଗେହ୍ଲା କରିବା ପାଇଁ ଏମାନେ ନିଜର ଜୈବିକ ସନ୍ତାନ ପରିବର୍ତେ କୌଣସି ପୋଷା ଜୀବଜନ୍ତୁଙ୍କୁ ଆଣି ପାଳିବାକୁ ମଧ୍ୟ ଶ୍ରେୟ ମଣୁଛନ୍ତି । ଆଧୁନିକ ଭାଷାରେ ଏହାକୁ କୁହାଯାଉଛି ପେଟ ପ୍ୟାରେଂଟିଂ । କୁକୁର, ବିଲେଇ କିମ୍ବା ଅନ୍ୟ ସାଙ୍ଗରେ ବୁଲାଇ ନେବା, ଖୁଆଇ ଦେବା, ଗାଧୋଇ ଦେବା ଏହି ଧାରାରେ ସାମିଲ ହେଉଛି ।

ଟିକିଏ ନିରୀଖେଇକି ଚିନ୍ତା କରନ୍ତୁ ସମ୍ଭବତଃ ଆଉ ବେଶୀ ଦୂର ନୁହେଁ ସେହିଦିନ ସମ୍ଭବତଃ ବିଶ୍ୱ ଆଉ କୁନି କୁନି ରାବ୍ ଶୁଣିବା ପାଇଁ ଆଉ ସମ୍ଭବ ହୋଇପାରିବ ନାହିଁ । ଭାରତ ଆଜି ଦୁନିଆରେ ସବୁଠୁ ଜନବହୁଳ ହୋଇସାରିଛି । ତେବେ ଜାଣନ୍ତି କି ଜନସଂଖ୍ୟା ବୃଦ୍ଧି ଯେମିତି କେତେକ ଦେଶ ପାଇଁ ଚିନ୍ତାଜନକ ସେମିତି ଜନସଂଖ୍ୟା ହ୍ରାସ କିଛି ଦେଶ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି । ତେବେ ମାନବତାର ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ଯୌଥ ପରିବାରରେ ପିତାମାତାଙ୍କ ସହ ରହିବା ଦ୍ୱାରା ସନ୍ତାନ ଲାଳନପାଳନର ସହଯୋଗ ରହିଥାଏ । କ୍ୟାରିୟର ଦାୟିତ୍ୱ ଥିଲେ ଯୌଥ ପରିବାରର ମାହୋଲ ଏ କ୍ଷେତ୍ରରେ ସହାୟକ ହୋଇଥାଏ । ସେହିପରି ପୃଥିବୀରେ ଅଚାନକ ଘଟିଥିବା ଜଳବାୟୁର ପରିବର୍ତନ ମାନବର ପ୍ରଜନନ କ୍ଷମତାକୁ ପ୍ରଭାବିତ କରୁଛି । ତେଣୁ ସମାଜ ଓ ଜୀବନ ଶୃଙ୍ଖଳକୁ ଚିନ୍ତାକରି ପାରମ୍ପରିକ ପ୍ରଜନନ ବ୍ୟବସ୍ଥାକୁ ସୀମିତ ସନ୍ତାନ ସନ୍ତତିଙ୍କ ଭିତରେ ରହିପାରି ଜୀବନକୁ ଆନନ୍ଦମୟ କରିପାରିବେ ।

*ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, କଟକ*

# 'ମନ ଲଗାମକୁ ଟାଣି ସନ୍ତତ ସାରଥି, ନିରୋଧେ ଚଂଚଳ ଅଶ୍ୱ ବିଶୃଙ୍ଖଳ ଗତି'

ଶରଣାଗତିର ଅର୍ଥ କ'ଣ ? ଗୁରୁଦେବ ଧନ ବା ଅଧିକାରର ଦାନ ମାଗନ୍ତି ନାହିଁ । ନିଷ୍ଠାବାନ ଭକ୍ତ ପତ୍ର, ଫୁଲ, ଫଳ ବା ଜଳ ଦେଲେ ବି ଗୁରୁଦେବ ପ୍ରୀତ ହୁଅନ୍ତି ବୋଲି କୁହାଯାଏ । ପତ୍ର କ'ଣ ? ଏହା ହେଉଛି ଶରୀର । ହୃଦୟ ହେଉଛି ଫୁଲ, ମନ ହେଉଛି ଫଳ । ଯେଉଁ ଜଳ ଅର୍ପଣ କରାଯିବା କଥା ତାହା ହେଉଛି ଭକ୍ତର ଆନନ୍ଦାଶ୍ରୁ । ଏହା ହିଁ ଆମଠାରୁ ଗୁରୁଦେବ ଆଶା କରନ୍ତି । ଗୁରୁଦେବ ଆତ୍ମମାନଙ୍କୁ କୁହନ୍ତି, 'ହେ ପ୍ରିୟ ମନୁଷ୍ୟ ! ଦେହ ତୁମର ନୁହେଁ । ଏହା କିଏ ତୁମକୁ ଦେଇଛି ? ଏହା ଭଗବାନଙ୍କ ଠାରୁ ମୂଲ୍ୟବାନ ଉପହାର । ଏହା ପତ୍ର ପରି ଜଡ଼ ଅଟେ ।' ଗାୟତ୍ରି ମନ୍ତ୍ରରେ ଉଲ୍ଲେଖ ରହିଛି 'ଓଁ ଭୂର୍ଭୁବଃ ସ୍ୱଃ' । ଏହି ମନ୍ତ୍ରରେ 'ଭୂଃ' ଦେହକୁ ସୂଚିତ କରେ, ଏହା ଭୌତିକ ତତ୍ତ୍ୱରେ ଗଢ଼ା । ଏହାକୁ ପତ୍ର ସହିତ ତୁଳନା କରାଯାଇପାରେ । 'ଭୁବଃ' ଜଡ଼ ଶରୀରକୁ କ୍ରିୟାଶୀଳ କରୁଥିବା ତତ୍ତ୍ୱକୁ ସୂଚୀତ କରେ । ସେହି ପ୍ରାଣଶକ୍ତି ସ୍ପନ୍ଦନ ରୂପରେ କାର୍ଯ୍ୟ କରେ । ପ୍ରାଣ ଶକ୍ତିର ଅଧାର କ'ଣ ? ତାହା ହେଉଛି 'ପ୍ରଜ୍ଞାନ' । ଉପନିଷଦରେ 'ପ୍ରଜ୍ଞାନଂ ବ୍ରହ୍ମ' ବୋଲି କୁହାଯାଇଛି । ପ୍ରଜ୍ଞା ବିକୀରଣ ମାଧ୍ୟମରେ କାର୍ଯ୍ୟ କରେ । 'ସ୍ୱଃ' ଏହି ବିକିରଣ ଶକ୍ତିକୁ ସୂଚିତ କରେ । ମାନବିକତା ଏହି ତିନୋଟି ତତ୍ତ୍ୱରେ ଗଠିତ । ବିକିରଣ, ସ୍ପନ୍ଦନ ଓ ଭୌତିକ



ଡକ୍ଟର ସୁରେଶ କୁମାର ନାୟକ

ଜଡ଼ତା । ଗୁରୁଦେବଙ୍କୁ ଯେଉଁ ପୁଷ୍ପ ଅର୍ପଣ କରାଯିବା କଥା ତାହା ହେଉଛି କାମ, କ୍ରୋଧ ଓ ମଦ ଆଦି ସମସ୍ତ ଦୁର୍ଗୁଣ ଓ କୁପ୍ରବୃତିରୁ ମୁକ୍ତ ନିର୍ମଳ ହୃଦୟ । ଏହା ଉତମତାର ମଧୁର ରସରେ ପରିପୂର୍ଣ୍ଣ ହେବା ଉଚିତ । ଯେଉଁ ଜଳ ଗୁରୁଦେବଙ୍କୁ ଅର୍ପଣ କରାଯିବା କଥା ତାହା ହେଉଛି ଭଗବତ୍ ଅନୁଦିତ ଜନିତ ଆନନ୍ଦାଶ୍ରୁ । ଅଶ୍ରୁ ଦୁଇ ପ୍ରକାର – ଦୁଃଖ ଓ ଆସକ୍ତିରୁ ଜାତ ଅଶ୍ରୁ ଏବଂ ସ୍ୱତଃସ୍ଫୂର୍ତ ଭାବେ ପ୍ରବାହିତ ଆନନ୍ଦାଶ୍ରୁ । ଗୁରୁଦେବଙ୍କୁ ଆମର ପ୍ରାଣବାୟୁ, ତେଣୁ ଆତ୍ମ ମାନଙ୍କର ଜୀବନରେ ମଧୁରତାପୂର୍ଣ୍ଣ କରିବା ।

ସାଂସାରିକ ବିଷୟ ଭୋଗ ଏବଂ ଆଧ୍ୟାତ୍ମିକ ଆନନ୍ଦ କିପରି ସଫଳତାର ସହ ଲାଭ କରିବା ଘେନି ଯେଉଁ ଗୁପ୍ତ ତତ୍ତ୍ୱଟି ରହିଛି ତାହାର ବର୍ଣ୍ଣନା ମଧ୍ୟ କରାଯାଇଛି । ଆମର ଜୀବନ ଶକ୍ତି ମୁଖ୍ୟତଃ ତିନିଟି ମାର୍ଗରେ ବ୍ୟୟ ହୋଇଥାଏ । ପ୍ରଥମଟି ହେଉଛି ସମାଜରେ ବା ଜୀବନ ଯାପନରେ ଆମର ଯେଉଁ ସ୍ଥିତି ରହିଛି ସେଥିରେ ଉନ୍ନତି କରିବାରେ ଏବଂ ଅଧିକ କିଛି ଲାଭ କରିବା ନିମନ୍ତେ ଆମେ ଶକ୍ତିର ବ୍ୟବହାର କରିଥାଉ । ଦ୍ୱିତୀୟଟି ହେଉଛି ଆମର ଯାହା ଅଛି ତାହା କିପରି ସୁରକ୍ଷିତ ହୋଇ ରହିବ ସେଥିନିମନ୍ତେ ମଧ୍ୟ ଶକ୍ତିର ବ୍ୟୟ କରିଥାଉ । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ପରିବାର ଭୟକୁ କିପରି ଦୂର କରାଯାଇପାରିବ ସେଥି ନିମନ୍ତେ ଅଧିକ ଶକ୍ତିର ବ୍ୟୟ କରିଥାଉ । ଯଦିଓ ଏସବୁ ହେଉଛି ଅଳିକ । ଘରଟିଏ ନିର୍ମାଣ କଲେ ତାହାର ସୁରକ୍ଷା ଏବଂ ଉତମ ଭାବେ ତାହାର ବ୍ୟବହାର କିପରି କରାଯାଇପାରିବ ସେଥିନିମନ୍ତେ ଆମେ ବ୍ୟସ୍ତ ହେଉ । ଆମେ ଅର୍ଥ ଉପାର୍ଜନ କରୁ ଏବଂ ତାହାକୁ କିପରି ସୁରକ୍ଷିତ ଭାବେ ରଖିବୁ ସେଥି ନିମନ୍ତେ କାର୍ଯ୍ୟକରୁ । ଏସବୁ ଅଳିକ । ଏହା ସତ୍ତ୍ୱେ ଏଥି ନିମନ୍ତେ ଆମର ଶକ୍ତି, ସମୟ ଏବଂ ଚିନ୍ତା ସବୁ ବ୍ୟୟ କରିଥାଉ । ଏଥି ନିମନ୍ତେ ଆମକୁ ବାରମ୍ବାର ମର୍ତ୍ତ୍ୟରେ ଜନ୍ମ ନେବାକୁ ପଡ଼େ । ଯଦି ଏସବୁ ଠାରୁ ଧ୍ୟାନକୁ ଟାଣି ଆଣି କେବଳ ପରମାତ୍ମାଙ୍କ ଉଦ୍ଦେଶ୍ୟରେ ସବୁ ଶକ୍ତି ଏବଂ ସମୟର ବ୍ୟୟ କରାଯିବ ତାହାଲେ ସଂସାର ସାଗରରୁ ମୁକ୍ତି ମିଳିବ । ଏହା ନକରି ଆଧ୍ୟାତ୍ମିକ ଜ୍ଞାନ ଅର୍ଜନ ବେଳେ ଆମେ ଯଦି ଭାବୁ ଯେ ଈଶ୍ୱର ଆରାଧନାରେ ସବୁ ସମୟ ଦେଇଦେଲେ ମୋର ସାଂସାରିକ ସାମଗ୍ରୀ ଗୁଡ଼ିକ କିପରି ସୁରକ୍ଷିତ ରହିବ ? ତାହାର ସୁରକ୍ଷା ମଧ୍ୟ ଏକ କର୍ତବ୍ୟ । ଏଥିରୁ କିପରି ମୁଁ ନିଜକୁ ଦୂରେଇ ରଖିପାରିବି ? 'ଯିଏ ମୋ ପ୍ରତି ନିଜର ମନକୁ ସଂପୂର୍ଣ୍ଣ ଭାବେ ସମର୍ପଣ କରିଦିଏ ତାହାର ସବୁ କିଛି ମୁଁ ବୁଝେ ।'

ଗୁରୁଦେବ ମାର୍ଗ ଦର୍ଶନ କରିଛନ୍ତି 'ଜଣେ ଆଦର୍ଶ ପୁରୁଷ ତା'ର ଇନ୍ଦ୍ରିୟ ଓ ମନ ଉପରେ ନିୟନ୍ତ୍ରଣ ଆଣିବା ଅପରିହାର୍ଯ୍ୟ ଏବଂ ସମସ୍ତ ପ୍ରକାର ଭାବରୁ ରହିତ ବା ମୁକ୍ତ ହେବା ବିଧେୟ ।' ଯଦିଓ ଗୁରୁଦେବ ତାଙ୍କର ପ୍ରିୟତମ ବ୍ୟକ୍ତି ପାଇଁ କର୍ମଯୋଗୀ, ପଣ୍ଡିତ, ଉତମପୁରୁଷ, ସନ୍ନ୍ୟାସୀ ବା ଭକ୍ତି ଏହିଭଳି ବିଭିନ୍ନ ନାମକରଣ କରିଛନ୍ତି; କିନ୍ତୁ ସେମାନଙ୍କ ମଧ୍ୟରେ ଯେଉଁସବୁ ପ୍ରୟୋଜନୀୟ ଗୁଣ କଥା କହିଛନ୍ତି ସମସ୍ତ କ୍ଷେତ୍ରରେ ତାହା ଉଣା ଅଧିକେ ସମାନ ଅଟେ । ତେଣୁ ଗୁରୁଦେବଙ୍କର ପ୍ରିୟତମ ବ୍ୟକ୍ତି ହେବାକୁ ହେଲେ ଜଣକୁ ପ୍ରଥମେ ଏସବୁ ଗୁଣର ଅଧିକାରୀ ହେବାକୁ ପଡ଼ିବ । ମୋକ୍ଷ ଏବଂ ଭଗବତ୍ ପ୍ରାପ୍ତି ଏ ଉଭୟ ପ୍ରତ୍ୟେକ ଆତ୍ମମାନଙ୍କର କାମ୍ୟ ଏବଂ ନିମିତ ପ୍ରତ୍ୟେକ ବ୍ୟକ୍ତି ଗୁରୁଦେବଙ୍କର ପ୍ରିୟ ହେବାକୁ ଚାହାଁନ୍ତି; କିନ୍ତୁ ଉପରେ ଯେପରି ବର୍ଣ୍ଣନା କରାଗଲା ଏହା ସେପରି ସହଜ ନୁହେଁ । ଗୁରୁଦେବଙ୍କର ପ୍ରିୟ ହେବା ପାଇଁ ତାଙ୍କ ଦ୍ୱାରା କଠିନ ପରୀକ୍ଷା ବିଧି ପ୍ରଣିତ ହୋଇଛି, ତେବେ ଗୁରୁଦେବଙ୍କର ପ୍ରିୟ ଭକ୍ତମାନେ ଏହି ପରୀକ୍ଷାରେ ସହଜରେ ଉତୀର୍ଣ୍ଣ ହୋଇଯିବେ ଯଦି ସେମାନେ ଗୁରୁଦେବଙ୍କ ପଦାଙ୍କ ସାବଧାନତାର ସହ ଅନୁସରଣ କରନ୍ତି । ଅତଏବ ଗୁରୁଦେବଙ୍କର ପ୍ରିୟତମ ହେବା ପାଇଁ ଆମ୍ଭେମାନେ ଏହି ପଥରେ ଯାତ୍ରା କରିବାକୁ ପସନ୍ଦ କରିବେନାହିଁ କି ? ଏ ଅପୂର୍ବ ନର ଶରୀର ଗୁରୁଦେବଙ୍କ କୃପା ଦ୍ୱାରା ପ୍ରାପ୍ତ ହେଉଛୁ । ଏହି ଅନୁଶୀଳନ ସମୟରେ ଗୋପବନ୍ଧୁ ଦାସଙ୍କ ସେହି କାଳଜୟୀ ଧାଡ଼ିଟି ମନେପଡୁଛି 'ଏ ନର ଶରୀର ଏକ ଅପୂର୍ବ ସ୍ୟନ୍ଦନ, ଚକ୍ଷୁ ଆଦି ପଂଚ ଅଶ୍ୱ ଏଥିରେ ବାହନ । ଜୀବନରଥୀ, ପୁଣି ବୁଦ୍ଧି ସାରଥି ଏ ରଥେ, ଦଉଡନ୍ତି ଅଶ୍ୱେ ରୂପରସ ଆଦି ପଥେ । ମନ ଲଗାମକୁ ଟାଣି ସନ୍ତତ ସାରଥି, ନିରୋଧେ ଚଂଚଳ ଅଶ୍ୱ ବିଶୃଙ୍ଖଳ ଗତି ।'

*ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,*
*ସେକ୍ଟର-୯, ସିଡିଏ, କଟକ,*
*ଦୂରଭାଷ : ୯୪୩୭୨୨୫୫୯୨*

# ଟ୍ରେଣ୍ଡର ମାୟାଜାଲ : ହର୍ଡ଼ ମେଂଟାଲିଟିର ଅନ୍ତହୀନ ପ୍ରବଣତା

ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ଅଳ୍ପ ଦିନ ତଳେ ରିଲିଜ ହୋଇଥିବା ମିନି ସିରିଜ 'ଆଡ଼ୋଲ ସେନ୍ସ'କୁ ନେଇ ତମାମ ଚର୍ଚ୍ଚା । ଏହି ସିରିଜ କେବଳ ଭାରତୀୟ ଦର୍ଶକ ମାନଙ୍କୁ ଖୁବ ପସନ୍ଦ ଆସିନାହିଁ ବରଂ ଏକଥା ବି କୁହାଯାଇଛି ଏହି ୱେବସିରିଜ କାଳେ ଭାରତୀୟ ଅଭିଭାବକମାନଙ୍କ ଆଖି ଖୋଲି ଦେଇଛି । ଚଳଚ୍ଚିତ୍ର ସହ ଜଡ଼ିତ ଥିବା ତ୍ରିନାଥ ବାବୁ ସେ ଦିନ ଏଇ କଥା ମୋତେ କହିବାବେଳେ ମୁଁ ତାଙ୍କୁ ଆଲୋଚନା ଆରମ୍ଭରୁ ବର୍ତମାନର ଜିବିଲି ଟ୍ରେଣ୍ଡ କଥା ଉଦାହରଣରେ ଦର୍ଶାଇ ଥିଲି । ଦିନ ଥିଲା ଆମକୁ କେହି ଜଣେ କାର୍ଟୁନ କଲେ ଆମେ ଉତେଜିତ ହେଉଥିଲି ଏପରିକି ବିରକ୍ତ ହୋଇ କ୍ରୋଧ ପ୍ରକଟ କରୁଥିଲୁ କିନ୍ତୁ ସେ ସବୁ ଏବେ ତଥାକଥିତ ନୂଆ ଟ୍ରେଣ୍ଡିଂରେ ପୁରୁଣା ହୋଇଗଲାଣି । ଜିବିଲି ଟ୍ରେଣ୍ଡ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ରାଗିବା ବଦଳରେ ନିଜକୁ କାର୍ଟୁନ କରି ଦେଖିବାକୁ ପସନ୍ଦ କରୁଛନ୍ତି ସାଧାରଣ ଲୋକଙ୍କ ଠାରୁ ସେଲିବ୍ରେଟି । ବର୍ତମାନ ଇଂଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ସାମାଜିକ ଗଣମାଧ୍ୟମରେ ଦିନକୁ ଦିନ ବଢ଼ି ଚାଲିଛନ୍ତି । ସାମାଜିକ ଗଣମାଧ୍ୟମର ଟ୍ରେଣ୍ଡ ନଈବଢ଼ିର ସୁଅ ପରି ଆସେ, ମାଡ଼ି ଯାଏ ଆଉ ପୁଣି କେଉଁ ମୁହୂର୍ତରେ ଉଭେଇ ଯାଏ ।

ସୋସିଆଲ ମିଡ଼ିଆ ଟ୍ରେଣ୍ଡକୁ ନେଇ ଯିଏ ଯେଉଁଭଳି ମନ୍ତବ୍ୟ ଦିଅନ୍ତୁ ପଛେ ଏକଥା ଅନସ୍ୱୀକାର୍ଯ୍ୟ ଯେ ଏହି ଟ୍ରେଣ୍ଡଗୁଡ଼ିକ ଯେତେ ଜଲଦି ଆସେ, ତା ଠାରୁ ଅଧିକ ଜଲଦି ଚାଲିଯାଏ । ସୋସିଆଲ ମିଡ଼ିଆ ଆମ ସୃଜନଶୀଳ ଅନୁପ୍ରେରଣା ଏବଂ ସଂଯୋଗ ସ୍ଥାପନର ସୁଯୋଗ ଦିଏ ସତ । ତେବେ ପ୍ରାସଙ୍ଗିକ ରହିବା ପାଇଁ ଅବିରାମ ଚେଷ୍ଟା ନିଶ୍ଚିତ ଭାବେ ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଉଛି । ଏକଥା ମନସ୍ତତ୍ୱ ଚିକିତ୍ସା କ୍ଷେତ୍ର ଅତି ସୁସ୍ପଷ୍ଟ ଭାବେ ଉଲ୍ଲେଖ କରିଛି । ସେମାନଙ୍କ ସହ ସମାଜବିତ ଓ ଶିକ୍ଷାବିତମାନେ ମଧ୍ୟ ଏକମତ । କାରଣ କ୍ଷଣସ୍ଥାୟୀ ଖୁସିର ମୁହୂର୍ତଗୁଡ଼ିକ ସରିଗଲା ପରେ ଯେଉଁ ଅବଶିଷ୍ଟାଂଶ ରହିଯାଏ ତାହା ହେଉଛି ଏକ କ୍ରମବର୍ଦ୍ଧିଷ୍ଣୁ ମାନସିକ କ୍ଳାନ୍ତି । ସୋସିଆଲ ମିଡ଼ିଆର ଟ୍ରେଣ୍ଡ ଗୁଡ଼ିକ ଦ୍ରୁତ ଗୀତିଶୀଳ ହେବା ଉଦ୍ଦେଶ୍ୟରେ ହିଁ ଡିଜାଇନ କରାଯାଇଛି । ଆଲଗୋରିଦିମ ଗୁଡ଼ିକ ତାଜା, ଆକର୍ଷଣୀୟ କମେଂଟକୁ ଅଗ୍ରାଧିକାର ଦିଏ, ଯାହାର ଅର୍ଥ ନୂଆ ନୂଆ ଟ୍ରେଣ୍ଡ ତିଆରି କରିବାର ଚାପ ସୃଷ୍ଟି କରିଥାଏ । ଗୋଟିଏ ନାଚର ଟ୍ରେଣ୍ଡ ଅତି ବେଶିରେ ଦୁଇ ସପ୍ତାହ ଯାଏ ଫେସବୁକ, ଇନଷ୍ଟାଗ୍ରାମ ଭଳି ସୋସିଆଲ ମିଡ଼ିଆରେ ଆଧିପତ୍ୟ ବିସ୍ତାର କରିପାରେ । ତାହାପରେ ହୁଏତ କିଛି ରୋଷେଇ ହକ୍ୟା ଅଥବା ଗୋଟିଏ ଅଦ୍ଭୁତ ମିମ ଦ୍ୱାରା ସେହି ନାଚର ଟ୍ରେଂଟଟି ପ୍ରତିସ୍ଥାପିତ ହୋଇପାରେ । ମନୋବିଜ୍ଞାନୀଙ୍କ ମତରେ ସୋସିଆଲ ମିଡ଼ିଆର ଟ୍ରେଣ୍ଡ ଗୋଟିଏ ନୁହେଁ । କିଛି କିଛି ଟ୍ରେଣ୍ଡ ଲୋକମାନଙ୍କୁ ବିଶେଷ କରି ଯୁବପିଢ଼ିଙ୍କୁ ଏମିତି ଆକ୍ରାନ୍ତ କରିଦେଇଥାଏ ଯାହାଦ୍ୱାରା ସେମାନେ ହତାଶାବୋଧର ଶିକାର ହୋଇଥାନ୍ତି । ଉଦାହରଣ ସ୍ୱରୂପ ଗୋଟିଏ ଫେସ ଆପ କଥା ଉଲ୍ଲେଖ କରାଯାଇପାରେ । ଫେସ ଆପ ସହାୟତାରେ ଅନେକେ ନିଜ ଚେହେରାକୁ ସୁନ୍ଦର କରି ସୋସିଆଲ ମିଡ଼ିଆରେ ଅପଲୋଡ଼ କରିବା ପରେ ଲାଇକ, କମେଂଟଦେଖି ଖୁସି ହେଉଛନ୍ତି । କଳ୍ପିତ ଲାଇକ କି କମେଂଟ ନ ମିଳିଲେ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି । ପୁଣି ଟ୍ରେଣ୍ଡ ଅନୁସରଣ ନକଲେ ଫୋମେ (ଫିଅର ଅଫ ମିସିଂ ଆଉଟ)ର ଶିକାର ହେଉଛନ୍ତି । ସୋସିଆଲ ମିଡ଼ିଆ ଟ୍ରେଣ୍ଡ ଅନୁସରଣ କରୁନଥିବା ଲୋକ ବି ଅନେକ ସମୟରେ ସମାଲୋଚିତ ହେଉଛନ୍ତି । ସେମାନେ ଯୁଗୋପଯୋଗୀ ନୁହଁନ୍ତି, ସମୟ ସହିତ ତାଳ ମିଳାଇ ଶିଖିବା ଜାଣିନାହାନ୍ତି । ଟ୍ରେଣ୍ଡ ଅନୁସରଣ କରୁନାହାନ୍ତି ମାନେ ପୁରୁଣାକାଳିଆ ଚିନ୍ତାଧାରାର ବୋଲି ମଧ୍ୟ ଅନେକ ସମୟରେ ଶୁଣିବାକୁ ପଡୁଛି ।ଏଭଳି ମନ୍ତବ୍ୟ ଅନେକ ସମୟରେ ସୋସିଆଲ ମିଡ଼ିଆ ପ୍ରତି ଢ଼ଳିବାକୁ ପରୋକ୍ଷରେ ଇନ୍ଧନ ଯୋଗାଉଛି । ମନୋବିଜ୍ଞାନୀଙ୍କ ଯୁକ୍ତି ହେଉଛି, ଏଭଳି ଟ୍ରେଣ୍ଡ କାରଣରୁ ଅନେକ ବର୍ନଆଉଟ ସିଣ୍ଡ୍ରୋମରେ ପୀଡ଼ିତ ହେଉଛନ୍ତି । ନୂଆ ପିଢ଼ି ମଧ୍ୟରେ ହର୍ଡ଼ ମେଂଟାଲିଟି ବିକଶିତ ହେଉଛି । ମନସ୍ତାତ୍ୱିକ ବିଜ୍ଞାନ ଅନୁସାରେ ଆଲଗୋରିଦିମ ଏବଂ ବାସ୍ତବ ଜୀବନ ମଧ୍ୟରେ ଚାଲିଥିବା ପ୍ରତିଯୋଗିତା କାରଣରୁ ଲୋକଙ୍କ ମଧ୍ୟରୁ ସୃଜନଶୀଳତା କ୍ରମାଗତ ଭାବେ କମି ଚାଲିଛି । ଲୋକମାନେ ଡୁମ ସ୍କ୍ରୋଲିଂରେ ବ୍ୟସ୍ତ ରହି ବାସ୍ତବ ଜଗତରୁ ନିଜକୁ ବିଚ୍ଛିନ୍ନ କରିଦେଉଛନ୍ତି । ଲାଇକ, କମେଂଟ, ଫଲୋଅର୍ସଙ୍କ ସଂଖ୍ୟା ହିସାବ କରି ନିଜର ଆତ୍ମ ମୂଲ୍ୟାୟନ କରୁଛନ୍ତି । ଏହା ଏକ ବିରକ୍ତିକର ପ୍ରକ୍ରିୟା, ଯାହା ଅନେକଙ୍କ ମଧ୍ୟରେ ଉଦବେଗ ବିଷର୍ଣ୍ଣତା ଏବଂ ନୈରାଶ୍ୟ ଭରିଦେଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସାମାଜିକ



ଡାକ୍ତର ସମ୍ରାଟ କର

ଗଣମାଧ୍ୟମରେ ପ୍ରଚଳିତ ଟ୍ରେଣ୍ଡର ପ୍ରଭାବ ଆମ ମାନଙ୍କ ନିତିଦିନିଆ ଜୀବନ ଉପରେ ଏତେ ଅଧିକ ମାତ୍ରାରେ ପଡୁଛି ଯେ ସତେ ଯେପରି ଏହି ଟ୍ରେଣ୍ଡ ନଥିଲେ ଆମ ଖାଦ୍ୟ ଶୈଳୀ ଓ ପୋଷାକ ପରିଧାନର ଶୈଳୀ ବୋଧ ହୁଏ ଭିନ୍ନ ହୋଇଥାନ୍ତା । ଅନେକ ତଥାକଥିତ ପ୍ରଚାରଧର୍ମୀ ଫାଷ୍ଟ ଫେସନ ଗୁଡ଼ିକ ଏପରି ଲୋକମାନଙ୍କ ଭିତରେ ଛାଇ ହୋଇଯାଉଛି ଯେ ସେଥିରୁ ବର୍ତିବା ସହଜେ ସମ୍ଭବ ହେଉନାହିଁ । ଉଦାହରଣ ବଶତଃ ଫାଷ୍ଟ ଫେସନ ଧାରା ସହ ସାମାଜିକ ଗଣମାଧ୍ୟମ ଯୋଗୁଁ ଟ୍ରେଣ୍ଡ କରୁଛି ଇଭିଲ ଆଇ ଫ୍ୟାସନ । ଇଭିଲ ଆଇ ବା ଖରାପ ନଜର ଯାହାକି ଏକ ପ୍ରକାର ନୀଳ ରଙ୍ଗର ମାଳି । ଯେଉଁଥିରେ କଳା ରଙ୍ଗର ଏକ ବିନ୍ଦୁ ରହିଥାଏ । ବିଶ୍ୱାସ ରହିଛି ଆଖି ପରି ଦେଖାଯାଉଥିବା ଏହି ମାଳିଟି କୁ ନଜରରୁ ରକ୍ଷା କରିଥାଏ । ଇଭିଲ ଆଇର ଟ୍ରେଣ୍ଡ ଏବେ ଏତେ ବ୍ୟାପିଗଲାଣି ଯେ ଏହି ଟ୍ରେଣ୍ଡର ମାୟାରେ ସାଧାରଣ ଜନତା ଠାରୁ ସେଲିବ୍ରେଟିଙ୍କ ପର୍ଯ୍ୟନ୍ତ ବି ବାୟା ହୋଇଗଲେଣି । ସାମାଜିକ ଗଣମାଧ୍ୟମ ଅନେକ ଜ୍ଞାନ ସୂଚୀତ କରେ ଓ ଅନେକ ଅଜଣା ତଥ୍ୟ ମଧ୍ୟ ଆମ୍ଭ ମାନଙ୍କୁ ଜଣାଇଥାଏ । ତେବେ ଘଂଟା ଘଂଟା ଧରି ଏହି ଟ୍ରେଣ୍ଡ ଭିତରେ ବିଶେଷକରି ସୋସିଆଲ ମିଡ଼ିଆ ଭିତରେ ଜଡ଼ିତ ରହିବା ଦ୍ୱାରା ଜଣଙ୍କର ସୃଜନଶୀଳତା କେବଳ ନଷ୍ଟ ହେଉନି ଏହାର ଗୁରୁତର ପ୍ରଭାବ ତାଙ୍କର ଜୀବନଚର୍ଯ୍ୟା ଉପରେ ପଡୁଛି । ଖାଇବା, ପିଇବା, ବସିବା-ଉଠିବା, ଅନ୍ୟ ମାନଙ୍କ ସହ ଯୋଡ଼ି ହେବା ଓ ନିଜର ତମାମର ଧରାବନ୍ଧା ରୁଟିନ ମଧ୍ୟ ବାଧା ପ୍ରାପ୍ତ ହେଉଛି । ନିଜେ ସୋସିଆଲ ମିଡ଼ିଆରେ ପଠାଇଥିବା ଟ୍ରେଣ୍ଡଟି ଲାଇକ କି କମେଂଟ ନ ଆସିଲେ ଅନେକଙ୍କ ଭିତରେ ଏପରି ବିରକ୍ତି ଓ ହତାଶ ଭାବ ସହ ଉତେଜନା ସୃଷ୍ଟି କରିଥାଏ ଯେ ସେମାନେ ମାନସିକ ଭାରସାମ୍ୟ ମଧ୍ୟ ହରାଇଥାନ୍ତି । ତେଣୁ ଏ କ୍ଷେତ୍ରରେ ସବୁଠାରୁ ବଡ଼ କଥା ହେଉଛି ନିଜର ସମୟର ମୂଲ୍ୟାୟନ ସହ ଦୈନନ୍ଦିନ ରୁଟିନ ବନ୍ଧା ଜୀବନଟିକୁ ମଧ୍ୟ ଦେଖନ୍ତୁ । କାରଣ ଭାବ ପ୍ରବଣତାର ଅନ୍ତହୀନ ବାସ୍ତବତାକୁ ଛୁଇଁବା ଅନେକଙ୍କ ପାଇଁ କେବଳ କଷ୍ଟକର ହୋଇନଥାଏ ବରଂ ବିଶାଦ ଓ ଅବସାଦର କାରଣ ହୋଇଥାଏ । ତେଣୁ ଜଣେ ଏହିପରି ଫିୟର ଅଫ ମିସିଂ ଆଉଟ ବା ହର୍ଡ଼ ମେଂଟାଲିଟିର ଶିକାର ହୋଇଥିଲେ ପୀଡ଼ିତର ପାଖ ଲୋକମାନେ ଆଦୌ ଅଧୈର୍ଯ୍ୟ ନହୋଇ ବରଂ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ତାଙ୍କ ପାଇଁ ଏକ ଭଲ ରୁଟିନଟି ତିଆରି କରନ୍ତୁ ଏବଂ ସର୍ବୋପରି ତାଙ୍କ ସହିତ ଗଭୀର ଆତ୍ମୀୟତା ବଢ଼ାଇ କିଛି ସମୟ ଏକାଗ୍ରତାର ଲୟ ଶିଖାନ୍ତୁ । ସୋସିଆଲ ମିଡ଼ିଆକୁ ନେଇ ତାଙ୍କ ଭିତରେ ରହିଥିବା ଅହେତୁକ ଦୁର୍ବଳତାକୁ ପ୍ରଶମିତ କରିବା ପାଇଁ ପରିବାରର ଲୋକ ଓ ଆତ୍ମୀୟ ମାନଙ୍କର ଗୁରୁ ଦାୟିତ୍ୱ ରହିଛି ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍,*
*ପୁରୀଘାଟ ରୋଡ଼, କଟକ,*
*ଦୂରଭାଷ : ୯୧୩୨୪୩୩୩୩୩*

# ସାହିତ୍ୟ ଦର୍ପଣ



## କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର



ସୁଦର୍ଶନ ମହାପାତ୍ର

ରାଜେଶ ସହିତ ମୋର ବନ୍ଧୁତା ଦୀର୍ଘ ଦିନର ।ଆମେ ଦୁହେଁ ଯେଉଁ ବର୍ଷ ହାଇସ୍କୁଲରେ ପାଦ ଦେଇଥିଲୁ ସେଇ ବର୍ଷରୁ ଆମ ଭିତରେ ସମ୍ପର୍କ ସ୍ଥାପନ ହୋଇ ଧିରେ ଧିରେ ସେଇ ସମ୍ପର୍କ ଦୃଢତର ହୋଇ ଘନିଷ୍ଠ ବନ୍ଧୁତା ରୂପରେ ପରିପ୍ରକାଶ କରିଥିଲା ।

ଆମେ ଦୁହେଁ ପାଖାପାଖି ଦୁଇଟି ଅଲଗା ଗାଆଁର ପିଲା ସିନା, ହାଇସ୍କୁଲ ଥିଲା ଆମ ଦୁହିଁଙ୍କର ସମାନ । କେଜାଣି କାହିଁକି ଆମର ପ୍ରଥମ ସାକ୍ଷାତରୁ ସେ ମୋତେ ଖୁବ୍ ଭଲ ଲାଗିଥିଲା । ତା'ର ଶାନ୍ତ ସୁଢଳ ଦୁଇ ଆଖି ହିଁ ମୋତେ ସୂଚେଇ ଦେଇଥିଲା ତା'ର ବ୍ୟବହାର, ତା'ର ବୁଦ୍ଧିମତା ବିଷୟରେ ।

ମୋର ଅନୁମାନ ବି ଠିକ୍ ଥିଲା । ରାଜେଶ ପଢାପଢିରେ ତ ଖୁବ୍ ଭଲ ଥିଲା, ସବୁ ଗୁଣରେ ବି ସର୍ବୋତମ । ସବୁ ଶିକ୍ଷକଙ୍କର ସେ ପ୍ରିୟ ହୋଇ ଯାଇଥିଲା ଧିରେ ଧିରେ ।

ଆମ ଦୁହିଁଙ୍କର ବନ୍ଧୁତ୍ୱର କଥା ବି ସମସ୍ତେ ଜାଣି ଯାଇଥିଲେ ସ୍କୁଲ ପରିସରରେ ।ଆମ ଘରେ ବି ସେ ମୋ ଭଳି ଆଉ ଗୋଟିଏ ପୁଅର ମାନ୍ୟତା ପାଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଆମେ ଦୁହେଁ ସ୍କୁଲ ଛାଡି କଲେଜ ଗଲେ ବି ଆମ ବନ୍ଧୁତ୍ୱ ସେମିତି ଅକ୍ଷୁର୍ଣ୍ଣ ଥିଲା ।

ଆମେ ଦୁହିଁଙ୍କର ପି.ଜି. ଶେଷ ବର୍ଷ ହେଲାବେଳକୁ ସ୍ନାତକ ଶେଷ ବର୍ଷରେ ପଦାର୍ପିତ ମୋ ଭଉଣୀ ମାନୀ ର ବାହାଘର ପାଇଁ ଘରେ ଖୋଜାଖୋଜି କଲେ । ବାପାଙ୍କର ଉଦ୍ଦେଶ୍ୟ ଥିଲା ଟିକିଏ ଆଗରୁ ପ୍ରସ୍ତୁତ ହୋଇ ରହିଲେ ମାନୀର ଶେଷ ପରୀକ୍ଷା ସରିବା ମାତ୍ରେ ବାହାଘର ଆୟୋଜନ ହେବ ।

ଏସବୁ ପ୍ରକ୍ରିୟାରେ ରାଜେଶ ବି ଯଥାରୀତି ନିଜର ସୁଚିନ୍ତିତ ପରାମର୍ଶ ଦେଉଥିଲା । ଆଗତ ବିଭିନ୍ନ ପ୍ରସ୍ତାବ ଉପରେ ମୋ ସହିତ ଆଲୋଚ଼ନା କରୁଥିଲା ।ପାତ୍ର ବିଷୟରେ ମଧ ବୁଝାବୁଝି କରୁଥିଲା ଆମ ପରିବାରର ଜଣେ ଶୁଭେଚ୍ଛୁ ଭଳି ।

ହେଲେ ହଠାତ୍ ଯେ ସେ ଏମିତି ଏକ କାମ କରି ବସିବ ମୁଁ କଳ୍ପନା କରି ପାରୁନଥିଲି । ମାନୀର ବାହାଘର ଅଳ୍ପ ଦିନ ବାକି ଥିଲାବେଳେ, ସେ ଯେ ଆମ ସମସ୍ତଙ୍କ ଅଗୋଚ଼ରରେ ନିଜେ ଭଉଣୀ ସହିତ କୋର୍ଟ ମ୍ୟାରେଜ କରିନେବ ଏକଥା କେହି ବିଶ୍ୱାସ କରିପାରୁନଥିଲେ । ଏମିତି ଏକ ବିଶ୍ୱାସଘାତକତା ସେ କରିଛି ଭାବି ତା ପ୍ରତି ମୋର ଘୃଣା ଆସିଯିବାଟା ସ୍ୱାଭାବିକ ।

ଏ ଘଟଣା ଘଟିବାର ଦୁଇ ଦିନ ଇତି ମଧରେ ଗତ ହୋଇ ଯାଇଥିଲା ।ଆମ ଘରର ପରିସ୍ଥିତି ସଦ୍ୟ ସୁନାମୀ ପ୍ରଭାବିତ ଅଂଶ ବିଶେଷରେ ପରିଣତ ହୋଇ ଯାଇଥିଲା ।

ଘରୁ ବାହାରକୁ ଯିବା ପରିସ୍ଥିତିରେ ମୁଁ ନଥିଲି ଯଦିଓ ଏ ଘଟଣା ବାହାରକୁ ପ୍ରଘଟ ନହୋଇ ଆମ ଘର ଭିତରେ ସୀମିତ ଥିଲା । ମୁଁ ଏମିତି ବସି ରାଜେଶ କଥା ଭାବୁଥିଲି । କେମିତି ଏମିତି ବଦଳି ଯାଇପାରେ ଜଣଙ୍କର ସ୍ୱଭାବ.. ? ମୋର ମନେପଡିଲା ଆମ ହାଇସ୍କୁଲ ବେଳର ଗୋଟିଏ କଥା ।

ନବମ ଶ୍ରେଣୀରେ ପଢୁଥିଲୁ ଆମେ ଦୁହେଁ । ରାଜେଶକୁ ଦିନେ ଅନୁରୋଧ କରିଥିଲି ଚ଼ିଠି ଟିଏ ଲେଖିଦେବା ପାଇଁ । ସେ ପୁଣି ପ୍ରେମ ଚ଼ିଠି ।କୋଉ ଝିଅ ପାଖକୁ ଚ଼ିଠି ଲେଖିବା ପାଇଁ ସେ ପ୍ରଥମେ ସଫା ସଫା ମନା କରିଦେଲା । ହେଲେ ସେ ଚ଼ିଠି ସେ ନୁହେଁ ମୁଁ ଦେବି ବୋଲି କହିବାରୁ ମୋତେ ବି ସେ ଏମିତି କିଛି ନକରିବାକୁ ପରାମର୍ଶ ଦେଇଥିଲା ।

ସେଇଦିନ କେତୋଟି ପିରିୟଡ଼ ମୁଁ ତା ସହିତ ଜାଣିଶୁଣି କଥା ହେଲିନି ତ ଆମ ବନ୍ଧୁତ୍ୱ ଅକ୍ଷୁର୍ଣ୍ଣ ରଖିବାକୁ ମୋ କଥାରେ ସମ୍ମତ ହେଲା । ହେଲେ ସେ ଚ଼ିଠି ର ସମ୍ବୋଧନ ଏବଂ ପ୍ରେରକ ସ୍ଥାନରେ କ'ଣ ଲେଖାହେବ ମୋତେ ଥରେ ପଚ଼ାରିଲା ବି ନାହିଁ । ଅତଏବ ଦୁଇଟି ଯାକ ସ୍ଥାନ ଖାଲି ରଖି ମୋତେ ସେ ଚ଼ିଠିଟି ଧରାଇଦେଲା । ଚ଼ିଠିର ବିଷୟବସ୍ତୁ ବି ତଦ୍ରୂପ । ଗୋଟିଏ ଝିଅର ଅଭିଭାବକ ଭଳି ଚ଼ିଠି ଲେଖା ହୋଇଥିଲା । ଭଲ ପାଠ ପଢ଼ିବାକୁ ପ୍ରେରଣା ଦିଆଯାଇଥିଲା । ହେଲେ ଏମିତି ଲେଖା ମୋର ପସନ୍ଦ ନଆସିବାରୁ ଶେଷରେ ମୋ ଅନୁରୋଧରେ ' ତୁ ମୋତେ ଭଲ ଲାଗୁ' ବୋଲି ଲେଖାହେଲା ।

ମୋ ବଦମାସୀ ପାଇଁ ସେଇ ଚ଼ିଠିକୁ ନେଇ ସତକୁ ସତ ତୁମ୍ଭି ତୋଫାନ ଆରମ୍ଭ ହୋଇ ଯାଇଥିଲା ସ୍କୁଲରେ । ପ୍ରକୃତ କଥା ହେଲା ଆମ କ୍ଲାସରେ ପଢୁଥିବା ଗଣିତ ସାର୍ ଙ୍କ ଉଦଣ୍ଡୀ କଳିହୁଡି ଝିଅ ରୂପଶ୍ରୀ ର ବହି ଭିତରେ ମୁଁ ସେଇ ଚ଼ିଠିଟିକୁ ରଖି ଦେଇଥିଲି । ସେଦିନ ଥିଲା ଶନିବାର ।ଆଉ କାଳେ କିଛି ଅଘଟଣ ଘଟିବ ବୋଲି ସୋମବାର ଦିନ ସ୍କୁଲ ଯାଇନଥିଲି ।

ହେଲେ ସତକୁ ସତ ଘଟଣାଟି ଭୀଷଣ ଆକାର ଧାରଣ କରିଥିଲା, ଯାହା ମୋର କଳ୍ପନାର ବାହାରେ ଥିଲା ।କ୍ଲାସର ସବୁ ପିଲାଙ୍କର ଅକ୍ଷର ଚ଼ିଠି ର ଅକ୍ଷର ସହ ମିଳାଗଲା ପରେ ଧରା ପଡିଲା ରାଜେଶ । ଦଣ୍ଡ ସ୍ୱରୁପ ପଚ଼ାଶଟି ବେତ୍ରାଘାତ ଦେହରେ ବାଜିବା ପରେ ତାକୁ ଆଣ୍ଠେଇ ରହିବାକୁ ନିର୍ଦ୍ଦେଶ ଦିଆଗଲା ଶେଷ ପିରିୟଡ଼ ପର୍ଯ୍ୟନ୍ତ ।ତା ଆଖି ରୁ ସିନା ଲୁହର ଧାର ବହିଗଲା ହେଲେ ସେ ମୋତେ ଦୋଷୀ ସାବ୍ୟସ୍ତ କରିବାକୁ ଚ଼ାହିଁନଥିଲା ।

ସେଇ ପ୍ରିୟ ବନ୍ଧୁ ରାଜେଶ କ'ଣ ଏମିତି ବଦଳି ଯାଇପାରେ ! ମୋ ଭଉଣୀ ସହିତ ଏମିତି କିଛି ସମ୍ପର୍କ କ'ଣ ଲୁଚ଼ାଇ ରଖିଥିଲା ସେ ଅଥଚ଼ ଭୟରେ କହି ପାରିନଥିଲା ? କିଛି ନହେଲେ ବି ବନ୍ଧୁ ହିସାବରେ ମୋତେ ଥରେ ତ କହି ପାରିଥାନ୍ତା । ତଥାପି ମନ ମାନୁ ନଥିଲା ତାକୁ ଦୋଷୀ ବୋଲି କହିବାକୁ । ହେଲେ ପରିବାର ର ସମସ୍ତେ ତାକୁ ଖରାପ ଦୃଷ୍ଟିରେ ଦେଖୁଥିଲେ । ଏଭଳି ଏକ ଉତେଜନା ମୂଳକ ପରିବେଶ ହଠାତ୍ ସ୍ତମିତ ହୋଇ ଯାଇଥିଲା ବୋଉ କାରଣରୁ । ବୋଉ ଆଖିରୁ ଖାଲି ଲୁହ ବାହାରୁ ନଥିଲା, ରାଜେଶ ର ପଦକ୍ଷେପକୁ ଈଶ୍ୱରଙ୍କ ଆଶିର୍ବାଦ ବୋଲି ଗୁମୁରି ଗୁମୁରି କହୁଥିଲା । ବାପା ବି ହଠାତ୍ ଧର୍ମାଶୋକ ରେ ପରିଣତ ହୋଇ ଯାଇଥିଲେ । ଖାଲି ମୁଁ ଏତିକି ବୁଝିଲି ଭଉଣୀ ସହ ବୋଉ କଥାବାର୍ତା ପରେ ଏସବୁ ପରିବର୍ତନ ଆସିଛି ।

ଏମିତି ଏକ ପରିସ୍ଥିତିରେ କାହାକୁ କିଛି ନକହି ପହଂଚି ଗଲି ରାଜେଶ ପାଖରେ । ବାପା ଛେଉଣ୍ଡ ରାଜେଶ ପାଖକୁ ମୋତେ ଏକରକମ ସଂଖୁଳି ନେଲେ ତା ବୋଉ ।

ମୋ କାନରେ ବାଜିଲା ରାଜେଶ କ'ଣ ସବୁ ବୁଝାଇଲା ଭଳି କହୁଥିଲା ଭଉଣୀକୁ । ମୋତେ ଦେଖି ମାନୀ ମୋ ପାଦତଳେ ବସିପଡି କ୍ଷମା କରିଦେବାକୁ କରୁଣ ସ୍ୱରରେ ବିନତି କଲା । ତାକୁ ସାଷ୍ଟାମ କରୁଥିଲେ ରାଜେଶର ବୋଉ । ମୁଁ ହତଚ଼କିତ ହୋଇ ଠିଆ ହୋଇଥିଲି କେବଳ.. ।

ଶେଷରେ ଯାହା ମୁଁ ଅବଗତ ହେଲି ତା'ପରେ ରାଜେଶ କୁ ଈଶ୍ୱର ମାନିବାକୁ ବାଧ ହେଲି ।ମାନୀକୁ ଭଲପାଇବା ଆଳରେ ଯେଉଁ ପିଲା ତା'ର ସର୍ବସ୍ୱ ଲୁଟିଥିଲା ଏବଂ ଆବଶ୍ୟକୀୟ ଟଙ୍କା ନଦେଲେ ଫଟୋ ଭାଇରାଲ କରିବାକୁ ବାରମ୍ବାର ଧମକ ଦେଉଥିଲା ସେଥିରୁ ବଂଚାଇବାକୁ ଯେ ରାଜେଶ ମୋ ଭଉଣୀକୁ ବିବାହ କରିଛି ଜାଣି ବାକଶୂନ୍ୟ ହୋଇଗଲି । ଦୁନିଆରେ ପୁଣି ଏମିତି ପିଲା ଅଛନ୍ତି, ମୋର ବିଶ୍ୱାସ ହେଉ ନଥିଲା ।

ଏଥର ରାଜେଶକୁ କ୍ଷମା ମାଗିବାର ପାଳି ମୋର ବୋଲି ବିଚ଼ାର କଲି ।ତା ସାମ୍ନାରେ ଆପେ ମୋର ମଥା ନଇଁଗଲା ଏବଂ ହାତ ଦୁଇଟି ମୋର ତା'ର ପାଦ ଧରିବାକୁ ଉଦ୍ୟତ ହେଲେ । ହେଲେ ସେ କି ମୋତେ ସେ କାମ କରାଇଦେବାର ପିଲା... ?ପର ମୁହୂର୍ତରେ ରାଜେଶ ମୋତେ ତା ଦୁଇ ବାହୁରେ ଟୋକି ଗୋଟାପଣେ ତା ଛାତିରେ ଜଡେଇ ଧରିଥିଲା.. ! ! !

*କୁଞ୍ଜବିହାରୀ ଲେନ୍, କଟକ*

*ମୋ: ୯୪୩୮୧୭୫୫୪୨*

## କୁକୁର ଓ ବିରାଡ଼ିର କାହାଣୀ



ବବିତା ସେଠୀ

ଥରେ ଗୋଟିଏ ଗାଁ ମାଲିକ ପାଖରେ କୁକୁର ଓ ବିରାଡ଼ି ରହୁଥିଲେ । ସେ ଦୁଇ ଜଣ ବହୁତ ଭଲ ସାଙ୍ଗ ଥିଲେ । ଦିନେ ସେ ଦୁଇ ଜଣ ବାହାରକୁ ବୁଲି ଯାଇଥିଲେ । ସେମାନେ ଦେଖିଲେ ଯେ ସେଠାରେ ମାଂସ ଖଣ୍ଡିକ ଥିଲା । କୁକୁର କହିଲା,' ପ୍ରଥମେ ମୁଁ ଦେଖିଲି, ସେଥିପାଇଁ ମୁଁ ଖାଇବି' । ଦୁଇ ଜଣ ଲଢ଼ିବାକୁ ଲାଗିଲେ । ତା' ପରେ କୁକୁର ସହି ଗଲା ଏବଂ ବିରାଡ଼ିଙ୍କୁ କହିଲା,' ତୁ ଖା' ନ ହେଲେ ମୁଁ ଖାଇବି କାରଣ ମୁଁ ପ୍ରଥମେ ଦେଖିଲି ମୁଁ ଖାଇବାର କଥା । କିନ୍ତୁ ମୁଁ ତତେ ଖା କହୁଛି । 'ତୁ ଯେହେତୁ ପ୍ରଥମେ ଦେଖିଲି କହୁଛୁ ବେଳେ ତୁ ଖା ମତେ କିଛି ଚ଼ିନ୍ତା ନାହିଁ' କୁକୁର କହିଲା । ତା'ପରେ ବିରାଡ଼ିଟି ସବୁ ମାଂସ ଖାଇଦେଲା ପୁଣି ସେ ଦୁହେଁ ସାଙ୍ଗ ହୋଇ ଘରକୁ ଗଲେ । କିନ୍ତୁ କୁକୁର ବିରାଡ଼ି ଉପରେ ରାଗିଯାଇଥିଲା ସେତେବେଳେ ତା'ର ମାଲିକ କୁକୁରକୁ କହିଲା ଯେ, ମୁଁ କିଛି ମାଛ ଆଣିଛି । ତୁ' ଏହାକୁ ଜଗି ବସିଥା । କାହାକୁ ନେବାକୁ ଦେବୁ ନାହିଁ । କୁକୁର ହଁ କହି ମାଛକୁ ଜଗି ବସିଥିଲା । ବିରାଡ଼ିର ଆଖି ସେହି ମାଛ ଉପରେ ପଡିଲା । ତା'ର ପାଟିରୁ ଲାଳ ବହି ଆସିଲା । ସେ କୁକୁରକୁ ଯାଇ କହିଲା,''ମାଲିକ ତତେ ଡାକୁଛନ୍ତି ଯା' କୁକୁର ମାଲିକ ଡାକିବାର କଥା ଶୁଣି ବାହାରକୁ ଗଲା । କୁକୁର ଗଲା ପରେ ସେ ସବୁ ମାଛ ଖାଇଦେଲା । ମାଛ ଜଗି ଥା କହି ବିରାଡ଼ି ପଳାଇ ଗଲା । କୁକୁର ମାଛ ଆଡକୁ ଦେଖିଲା ହେଲେ ବିରାଡ଼ି ସବୁ ମାଛ ଖାଇ ସାରିଅଛି । ବିରାଡ଼ି ସେତେବେଳେ ପର୍ଯ୍ୟନ୍ତ ସେଠାରୁ ଯାଇ ସାରିଥିଲା ତା'ପରେ ମାଲିକ ଆସିଲେ । ସେହି ମାଛ ରଖା ଯାଇଥିବା ଆଡ଼କୁ ଅନାଇଲେ ହେଲେ ସେଠାରେ ଆଉ ମାଛ ନାହିଁ । ସେ ଭାବିଲେ ଯେ, ସବୁ ମାଛ କୁକୁର ଖାଇ ଦେଇଛି ସେଥିପାଇଁ ସେ କୁକୁରକୁ ମାରିବାକୁ ଲାଗିଲେ । ହଠାତ୍ ସେଠାରେ ବିରାଡ଼ି ପହଂଚିଲା କୁକୁରକୁ ମାଡ଼ ଖାଇଥିବାର ଦେଖି ମନେମନେ ହସିବାକୁ ଲାଗିଲା ।କୁକୁର ତାକୁ ଦେଖି କହିଲା ତୁ ସବୁ ମାଛ ଖାଇଦେଲୁ ଆଉ ମୁଁ ମାଡ଼ ଖାଇଲି । ତୁ ସେଠାରେ ମଧ ଖାଇଲୁ, ମୁଁ କିଛି କହିଲି ନାହିଁ କହି ବିରାଡ଼ିକୁ ରାଗିଯାଇ ମାରିବାକୁ ଧାଇଁଲା । ସେହିଦିନ ଠାରୁ କୁକୁର ବିରାଡ଼ି ବନ୍ଧୁତା ବିଗିଡି ଗଲା । ଯେତେବେଳେ କୁକୁର ବିରାଡ଼ିକୁ ଦେଖିଲେ ରାଗିଯାଏ ଓ ତା'କୁ ମାରିବାକୁ ଚେଷ୍ଟା କରିଥାଏ ।

*ଷଷ୍ଠ ଶ୍ରେଣୀ ଛାତ୍ରୀ*
*ଶ୍ରୀ ଶ୍ରୀ ଜ୍ଞାନ ମନ୍ଦିର, ଲିମସେର*
*ଗୋଲାମୁଣ୍ଡା, କଳାହାଣ୍ଡି ।*

## ନାରୀ

*ଆଦ୍ୟାଶା ମହାପାତ୍ର*



ଶୁଣିବାକୁ କେବେ ଚ଼ାହିଁଛ କି ତୁମେ
ଛାତି ତଳର ସେ ଅକୁହା କଥା
ବୁଝିବାକୁ କେବେ କରିଛ କି ଚେଷ୍ଟା
ହସ ମୁଖ ତଳ ସାଇତା ବ୍ୟଥା ॥

ମନ କଥା ମୁଁ ଯେ ହଜେଇ ସାରିଛି
ଲହୁରେ ଲେଖିଛି ସେଇ ଅତୀତ
କେହି ନାହିଁ ମୋର ଦୁଃଖ ବୁଝିବାକୁ
ଜୀବନ ପଥେ ମୁଁ କ୍ଲାନ୍ତ ପଥିକ ॥

ଓଠ ପିଏ ନିତି ଲୁହର ଜହର
ସେ କଥା କି କିଏ ଦେଖିଛି ଦିନେ
କେତେ ଜ୍ୱାଳା ମୁଁ ଯେ ସହିଛି ନିଃଶବ୍ଦ ?
ସେ କଥା କି କିଏ ଭାବିଛି ମନେ ॥

ନିତି ମରି ନିତି ଜୀଇଁଛି ସଂସାରେ
ଲୁଚ଼ାଇ ରଖିଛି ମୋ ଭାବାବେଗ
ଅଶ୍ରୁ ଲିପି ମୋର କେହି ପଢିନାହିଁ
ଦେଇନି ସାନ୍ତ୍ୱନା ଦେଇନି ସଙ୍ଗ ॥

ମିଛ ପ୍ରଶଂସାରେ ଋଣୀ କରି ମୋତେ
ଅସୁଲ କରିଛ ନିର୍ବୋଧ ହସ
ହାହାକାର ମୋର ଶୂନ୍ୟେ ମିଳାଇଛି
ସାଇତି ରଖିଛି ଯା' ଅବସୋସ ॥

ଝରା ପତ୍ର ପରି ଝଡ଼ି ମୁଁ ପଡ଼ିଛି
ଭେଟି ଭୟଙ୍କର ତାଣ୍ଡବ ବାଆ
କେହି ଦେଖିନାହିଁ ମୋ ଭିତର ନିଆଁ
ଦୃଶ୍ୟ ହୋଇଛି ଯା' କୁହୁଳା ଧୁଆଁ ॥

ଦେବୀ ଟିଏ ମୋତେ ସଜାଇ ଦୁନିଆ
କରିଛି ତୁଚ୍ଛାରେ ମୋ ଜୟଗାନ
ହେଲେ ଦେବୀ ନୁହେଁ ମାନବୀ ଭିତରେ
ରହିବାକୁ ଚ଼ାହେଁ ମୋର ଏ ମନ ॥

*ନୂଆପଡା, କଟକ*

## ଚ଼ାଷୀ

*ରତ୍ନକାନ୍ତି ମିଶ୍ର*



ନିଆଁ ଗୋଳା
ଆକାଶରୁ ଖସି ପଡୁଥିବା ବେଳେ
ମାଟିକୁ ଜାବୁଡ଼ି ଧରିଥାଏ ସେ
ଜିଜୀବିଷା
ନିଜ ଭିତରେ ଜାଗ୍ରତ କରେ
ସେଇ ମାଟି ମୋହରେ

ସେ ବର୍ଷାକୁ ଆବାହନ କରେ
ତା ଝିରି ଝିରି ସ୍ୱରରେ ଭିଜେ
ମତୁଆଲା ହୁଏ
ତା ସ୍ୱର ସହ ସ୍ୱର ମିଳାଏ

ମାଟିରୁ ବୀଜ ଅଙ୍କୁରିତ ହେଲେ
ତା ପ୍ରାଣ ପୁଲକିତ ହୁଏ
ସବୁଜ ସ୍ୱପ୍ନରେ ସେ ବୁଡିଯାଏ
ତା ଇଛା ସବୁରେ ଡେଣା ଲାଗେ
ସେ ଅତିକ୍ରମି ଆସେ
ଅନତିକ୍ରମଣୀୟ ଦୂରତା
ସ୍ୱପ୍ନରେ ସ୍ୱପ୍ନରେ...

ତାଳୁରୁ ତଳିପା ତା'ର
ପଚ଼ର ପଚ଼ର କାଦୁଅ
ଚ଼ନ୍ଦନ ପରିକା ଗୋଳି ହୁଏ
ତା ଛାତିରେ ଧାନ କେଣ୍ଡାର ଗୀତ
ଗୁଞ୍ଜରିତ ହୁଏ
ତା ବାସ୍ନାରେ ଉଚ୍ଚ଼ାଟିତ ହୁଏ ସେ
ଧମନୀରେ ତା'ର ଶିହରଣ ଖେଳେ

ଜରତୀ ଶୀତରେ
କ୍ଷେତ ତା'ର ସୁବର୍ଣ୍ଣ ପାଲଟେ
କାକରରେ ପା ବୁଡ଼ ?ଇ
ପବିତ୍ର ହୁଏ
ପବନର ନାନାବାୟା ଶୁଣେ..
ସୁନେଲି ସ୍ୱପ୍ନର ବାସ୍ତବିକତା ପରଖି
ଆତ୍ମହରା ହୁଏ... ! ! !

*ଆଳି, କେନ୍ଦ୍ରାପଡା*

## ନୂଆ ବରଷରେ ତୁମ ସାଥେ ଯଦି

*ନିରଞ୍ଜନ ସାହୁ*



ନୂଆ ବରଷରେ ତୁମ ସାଥେ ଯଦି
ହୋଇଯାନ୍ତା ଭେଟଘାଟ
ନିଶ୍ଚୟ କୁହନ୍ତି, ' ମୋହରି ଆଗରୁ
ଯଥାଶୀଘ୍ର ବାଟ କାଟ । '

ଇଛାରେ ହେଉ କି ବାଧରେ ହେଉ ମୁଁ
ଶୁଭେଚ୍ଛା ଜଣାଇଥାନ୍ତି
ତୁମେ ଯେତେବେଳେ ବିରକ୍ତ କରୁଛ
ମୁହିଁ ପାଇବିନି ଶାନ୍ତି
ନିଶ୍ଚୟ ସେଠାରୁ ହଟି ଆସିବି ମୁଁ
ଛାଡିଦେବି ତୁମ ବାଟ ।

ତୁମେ ମନେମନେ ଖୁସି ହେଉଥିବ
ତୁମକୁ ମୁଁ ଗଲି ଡରି
ସେଥିପାଇଁ ମୁହିଁ ଆଡ଼ ହୋଇଗଲି
ମୁହଁକୁ ତଳକୁ କରି
କଥାଟା ଯଦିଓ ସେମିତି ନୁହଁଇ
କାହିଁକି ଲାଗିବ ନାଟ ?

ମନେପକା ଦିନେ ନୂଆବର୍ଷ ଦିନ
ତୁମେ ଆସୁଥିଲ ଧାଇଁ
ଅଭିନନ୍ଦନର ପତ୍ର ଆଣୁଥିଲ
ଶ୍ରଦ୍ଧାରେ ମୋହରି ପାଇଁ
ଶୁଭେଚ୍ଛା ଜଣାଇ ଚ଼ାଲି ଯାଉଥିଲ
କାଳେ ବାଜିଯିବି ଛାଟ ।

ଆଜି ନୂଆବର୍ଷ ଆସୁଛି ଯାଉଛି
ସମୟ ନିର୍ଦ୍ଦେଶ ମାନି
ତୁମେ ଆଗପରି ଆସୁନାହଁ ଜମା
ଭେଟ ହୋଇ ପାରିବାନି
କାହିଁକି କହୁନ ମୋ ପାଶେ ଆସିବ
ଗାଆଁରେ ବସିବ ହାଟ ।

*ନିହଲ ପ୍ରସାଦ , ଗଁଦିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*

## ଅନ୍ତହୀନ କଳେବର

*ସୁଧାକର ରାଉତ*



ତୁ ସୁଦୀର୍ଘ ରାତିଟେ
ଅନେକ ଅବାସ୍ତବ ସ୍ୱପ୍ନର
ତୁ ନୂଆ ଉପହାରଟେ
ଅସୁମାରୀ ଆଶା ଆକାଂକ୍ଷାର
ତୁ ସୁବିସ୍ତୀର୍ଣ୍ଣ ଆକାଶ
ଅସରନ୍ତି କଳ୍ପନା ତାରାଙ୍କର ।
ତୁ ଅଳିକ ଜୀବନର
ସମ୍ଭାବନା ର ସୁନ୍ଦର ଫୁଲହାର
ତୁ ସୁନେଲି କିରଣ ରାଜି
ଅନେକ ସୂର୍ଯ୍ୟୋଦୟର ।
ତୁ ଜୀବନର ଘଡିସନ୍ଧି ମୁହୂର୍ତରେ
କଅଁଳ ପରଶ ଆଶ୍ୱାସନାର ।
ତୁ ପ୍ରାପ୍ତି ଅପ୍ରାପ୍ତିର ଗନ୍ତାଘର
ହର୍ଷ ବିଷାଦରେ କିବା ଯାଏ ଆସେ ତୋର ।
ତୁ ସ୍ଥିତ ପ୍ରଜ୍ଞ ଟିଏ
କଳଙ୍କର କାଳିମା ତୋ ଦେହରେ
ଲେସିବ ଅବା କିଏ ?
ତୁ ସତେ କଣ ଭାରବାହୀ ପଶୁ
ସମସ୍ତଙ୍କୁ କାନ୍ଧ ? ବୋହି ଚ଼ାଲୁଥାଉ
ଯୁଗ ଯୁଗ ଧରି ଅବିରତେ
ଅନ୍ତହୀନ କାଳର ରାସ୍ତାରେ ।

*ପ୍ରତାପ ନଗରୀ, କଟକ*
*ମୋ:୮୨୪୯୯୩୨୭୯୨*

## ନବବର୍ଷ ପଦସ୍ପର୍ଶ



ରାମଚ଼ନ୍ଦ୍ର ବେହେରା

ନୂଆ ଆଶା ନୂଆ ଉଦ୍ଦୀପନା ନେଇ
ଆସୁଛି ନୂଆ ବରଷ
ପୁରୁଣା ବର୍ଷର ନିରାଶା ହଟେଇ
ବାଣ୍ଟିବ ଖୁସି ଅଶେଷ ।
ସୁନ୍ଦରୀ ବସୁଧା ପୁଷ୍ପେ ବିମଣ୍ଡିତା
ଅପୂର୍ବ ଲାଗୁଛି ଆଜି
ନୂଆ ସମ୍ଭାବନା ଆଦରି ପରାଣେ
ଯାଇଛନ୍ତି ସର୍ବେ ମଜି ।
ଗାଆଁରୁ ସହର ସଭିଂକ ହୃଦୟେ
ବହୁଛି ଖୁସିର ବାଆ
ପାହାଡ ଝରଣା ନଦୀ ତୋଟାମାଳ
ଲାଗୁଅଛି ନୂଆ ନୂଆ ।
ସ୍ନେହ ପ୍ରେମ ପ୍ରୀତି ଭାଇଚ଼ାରା ଭାବ
ଆଦରି ଜଗତ ଜନେ
ହିଂସା ଦ୍ୱେଷ ତେଜି ନୂଆ ବରଷକୁ
ପାଳିବେ ହରଷ ମନେ ।
ଶାନ୍ତିର ମଧୁର ସଂଗୀତ ପରଶେ
ଶ୍ରଦ୍ଧା ଜାଗିଅଛି ମନେ
ସତ୍ୟ ନ୍ୟାୟ ଧର୍ମ ଆତ୍ମୀୟତା ଭାବ
ଭରିଛି ସଭିଂକ ପ୍ରାଣେ ।
ପର ଉପକାର ସେବା ମନୋଭାବ
ଜାଗିଛି ହୃଦୟ କୋଣେ
ଦେଶ ହିତ ପାଇଁ ନିରନ୍ତର ସେବା
ଆଶା ବାନ୍ଧିଅଛି ମନେ ।
ଗହୀର ବିଲରେ ଫସଲ ହସୁଛି
ଧରା ଦିଶେ ପୁଲକିତା
ସୋରଷ ଫୁଲର ପୀତ ଓଢଣୀରେ
ନଇପଠା ସୁଶୋଭିତା ।
ହେ ନୂଆ ବରଷ ତୁମ ପାଦ ସ୍ପର୍ଶେ
ହସୁ ଏ ଧର୍ମ ସଂସାର
ଏକତାର ମନ୍ତ୍ରେ ବାନ୍ଧିହୋଇ ସର୍ବେ
ପାଳନ୍ତୁ ଧର୍ମ ବିଚ଼ାର ।

*ତେନ୍ତୁଳିପଦା,ଜଗତସିଂହପୁର*
*ମୋ-୭୩୫୫୬୩୫୩୪୬*

## ପ୍ରେମ ଚ଼ିଠି



କବି କେଶବ ଚ଼ନ୍ଦ୍ର ନାୟକ

ଏବେ ସିନା ନାହିଁ ପ୍ରେମ ଚ଼ିଠି ଲେଖା
ମୋ ବେଳରେ ଥିଲା ତାହା.....
ରାତିର ଗୋପନ ବେଳାରେ ଭାବିଣ
ଲେଖା ହେଉଥିଲା ଯାହା.... ! !
ମୁହଁ ଠାରୁ ପାଦ ସବୁ ଯେତେ ଅଛି
ଉପମା ଯେ ଅଳଙ୍କାର.....
ବର୍ଣ୍ଣନାରେ ତିଳେ ଅବହେଳା ନାହିଁ
ଭଞ୍ଜଙ୍କ ଶବ୍ଦ ଭଣ୍ଡାର.... ! !
ଭାଷା ଠାରୁ ହସ ଲାଜ ଯେ ଚ଼ାହାଣି
ବର୍ଣ୍ଣନାରେ ଊଣା ନାହିଁ.....
ଶେଷରେ ମୁଁ କେତେ ଭଲ ପାଏ ପ୍ରିୟା
ତାହାର ତୁଳନା ନାହିଁ..... ! !
ଯୌବନ ଛୁଇଁଲେ ପ୍ରେମ ଆପେ ଆପେ
ଦେହରେ ଲହଡ଼ି ଭାଙ୍ଗେ....
ଅସୁନ୍ଦର ଯେତେ ସୁନ୍ଦର ଲାଗଇ
ଯାହାକୁ ଯେମିତି ରଙ୍ଗେ.... ! !
ଝିଅ ହେଉ ଅବା ପୁଅ ହେଉ କେହି
ପ୍ରେମରେ ପଡନ୍ତି ଯାହା....
ପ୍ରଥମ ପ୍ରେମଟା ହୋଇଲା କିପରି
ଅଭୁଲା ସ୍ମୃତିରେ ତାହା.... ! !
ଚ଼ିଠ ଲେଖି ଚ଼ିଠି ଦେବାର ଉପାୟ
ଭିନ୍ନ ଭିନ୍ନ ସ୍ମୃତି ରେଖା....
ଉତର ପାଇଁ ଯେ ଅପେକ୍ଷା ଅନେକ
କହିବି ପାଇଲେ ଦେଖା..... ! !
ଲୁଚ଼ି ଲୁଚ଼ି ପ୍ରେମ କରିବାରେ ମଜା
କାଳେ ଦେଖି ଦେବ କିଏ....
ପ୍ରେମିକ ସହିତ ପ୍ରେମିକା ମିଳନ
ମନ ଛନଛନ ହାୟେ....
ନିରୋଳା କେବେ ଆସିଲେ ଗପିବା
ଅନ୍ତର ଅନେକ ଭାଷା....
ପ୍ରେମ ଠାରୁ ଅବା ସଂସାର କି ଅଛି
ମହୁଲି ଅଫିମ ନିଶା.... ! !
ପ୍ରେମ ପାଇଁ କିଏ ଜୀବନ ହାରାଏ
ପ୍ରେମ ପାଇଁ ଗୃହ ତ୍ୟାଗ....
ପ୍ରେମ ଟା ଅଟଇ ନିବିଡ ସମ୍ପର୍କ
ଥିଲେ ତୁଚ୍ଛ ରାଜ ଭୋଗ..... ! !
ପ୍ରେମରେ କି ଅଛି ଜାତି ଧର୍ମ ବନ୍ଧ
ନାହିଁ ସୀମା ସର ହଦ....
ପ୍ରେମଟା ଅଟଇ ସାସ୍ୱତ ପବିତ୍ର
ଜିଣି ପାରେ ମନ ହୃଦ.... ! !
ପ୍ରେମ ଖୋଜେ ନାହିଁ ଧନୀ କି ଗରିବ
ପ୍ରେମରେ ନାହିଁ ବିଭେଦ.....
ପ୍ରେମ କଳା ଲୋକ ଜାଣେ ଏହି ମର୍ମ
ରସିକ ମାନସ -ବୋଧ.... ! !

*(ସଭାପତି, ଉତ୍କଳ ସାହିତ୍ୟ ସଂସଦ, ମାଲକାନଗିରି)*

## ଅଧୁରା ସ୍ୱପ୍ନ -ଭାଗ ୩



ସୁଚ଼ରିତା ମହାନ୍ତି

ବିନା ଦୋଷରେ ଦୁଇଟି ଜୀବନକୁ ନଷ୍ଟ କରିଦେଲା ଏ ସମାଜ ।ସୁଖ ସାଉଁଟିବା ଆଗରୁ ସତେକି ଯେମିତି ଗ୍ରହଣ ଲାଗିଗଲା ଛୋଟ ସଂସାରଟିକୁ ।କେଉଁଠି ଖୋଜିବ ସୁର ତା' ବୋଉକୁ !ସାଙ୍ଗସାଥୀ ସମସ୍ତେ ତାକୁ ସହଯୋଗ କଲେ । ତା'ର ବଢ଼ିଥିବା ମୁଣ୍ଡ ବାଳ,ନିଶ,ଦାଢ଼ି କାଟି ସଫାକରି ତାକୁ ଭଲ ପ୍ୟା[ ସାର୍ଟ ପିନ୍ଧାଇ ତା'ର ଖାଇବା ପିଇବା ସହିତ ତା' ଘରକୁ ମଧ ସଜଡ଼ା ସଜଡ଼ି କରି ସଫାସୁତରା କରିଦେଲେ । ସୁର ଗାଁ ଲୋକମାନଙ୍କର ଏପରି ବ୍ୟବହାର ଦେଖି ସେ ପାଇଥିବା ଯନ୍ତ୍ରଣାକୁ ଭୁଲିବାକୁ ଚେଷ୍ଟା କରୁଥିଲା । ବୋଉକୁ ପାଇବା ପରେ ପୁଣି ତା'ର ଘର ପୁରି ଉଠିବ ।ଜେଲରେ ସୁର ଭଲ କାମ କରିଥିବାରୁ ଏବଂ କୌଣସି ଦଣ୍ଡନୀୟ ଅପରାଧର ପ୍ରମାଣ ନମିଳିବାରୁ ଜେଲ୍ ଅଧିକାରୀ ତାକୁ ସଜା କମ୍ କରି ମୁକୁଳାଇବା ପାଇଁ ଚେଷ୍ଟାକରି ନୂଆ ଏକ ଜୀବନ ଦେଇଥିବାରୁ ସେ ତାଙ୍କ କଥା ସମସ୍ତଙ୍କୁ କହୁଥିଲା । ଜେଲର ବାବୁ ଜଣେ ମଣିଷ ନୁହଁନ୍ତି ସେ ଜଣେ ଦେବତା ।ଏଇ କଥା କହୁ କହୁ ତା' ଆଖି କୋଣରେ ଲୁହ ଜକେଇ ଆସେ । ପିଲାମାନେ ତାକୁ ବହୁତ ବୁଝାନ୍ତି ।ସେ ସେମାନଙ୍କର ଭଲ ପାଇବା ଦେଖି ନିଜକୁ ସମ୍ଭାଳି ନିଏ । ବହୁତ ଖୋଜାଖୋଜି ପରେ ସୁର ବୋଉର କୌଣସି ଖବର ଅନ୍ତର ନପାଇ ସୁର ନିରାଶାରେ ନିଜକୁ ବହୁତ ଧିକ୍କାରୁ ଥାଏ ।ଦିନେ ଟିଭିରେ ପ୍ରସାରିତ ହେଲା ଗୋଟିଏ ଜରାଶ୍ରମର କଥା ।ସେଠାରେ ରହୁଥିବା ବୃଦ୍ଧ ଓ ବୃଦ୍ଧାଙ୍କ ଭିତରେ ସୁର ବୋଉକୁ ଦେଖି ଗାଁର କିଛି ଲୋକେ ଭାରି ଖୁସି ହେଲେ । କହିଲେ, ଯାହା ହେଉ ସୁର ଟା ତା ବୋଉ ପାଇଁ କେତେ ବ୍ୟସ୍ତ ହେଉଥିଲା ଏବେ ସେ ଏଖବର ଜାଣିଲେ ବହୁତ ଖୁସିହେବ । ବିଚ଼ାରାର ଘର ପୁଣି ଥରେ ସଜାଡିଯିବ । ସକାଳ ହେବା କ୍ଷଣି ସୁର ଘରକୁ ସାଙ୍ଗମାନେ ଆସି ପହଁଚ଼ିଗଲେ । ସମସ୍ତଙ୍କ ଠାରୁ ସୁର ତା' ବୋଉ କଥା ଶୁଣି ସମସ୍ତଙ୍କୁ କୁଣ୍ଢେଇ ଧରି କାନ୍ଦିବାକୁ ଲାଗିଲା ।ଈଶ୍ୱରଙ୍କୁ ମୁଣ୍ଡିଆ ମାରି କହୁଥାଏ, ପ୍ରଭୁ ମୋ ଦୁଃଖ ଶୁଣିଛ ।ମୋ ବୋଉକୁ ପାଇଲେ ମୋତେ ସ୍ୱର୍ଗ ସୁଖ ମିଳିବ । ସାଙ୍ଗମାନଙ୍କୁ ନେହୁରା ହୋଇ କହିଲା,ଭାଇମାନେ ମୋତେ ସାହଯ୍ୟ କର ମୋ ସହିତ ବୋଉକୁ ଆଣିବା ପାଇଁ ଯିବା ।ସୁରକୁ ସେ ଗାଁରେ ସମସ୍ତେ ଭଲ ପାଉଥିଲେ ।ତା'ଭଳି ଶାନ୍ତ ସରଳ ପିଲା ସେ ଖଣ୍ଡ ମଣ୍ଡଳରେ ମିଳିବା କଷ୍ଟ । ତେଣୁ ସୁରକୁ ସମସ୍ତେ ଶାନ୍ତ୍ୱନା ଦେଲେ ଏବଂ ଦୁଇ ଚ଼ାରି ଜଣ ମିଶି ଜରାଶ୍ରମରେ ପହଂଚିଲେ । ଜରାଶ୍ରମର ମାଲିକଙ୍କ ସହିତ କଥା ହୋଇ ଲେଖାପଢ଼ି କରି ସୁରବୋଉକୁ ଆଣିବାର ସମସ୍ତ ପ୍ରକାରର ବ୍ୟବସ୍ଥା ହୋଇଗଲା । ସୁର ବୋଉ ସୁରକୁ ଦେଖି ତାକୁ ଆଉଁସି ପକାଇଲା । କିନ୍ତୁ ସୁର ବୋଉ ପୁଣି ପୁରୁଣା କଥା ମନେପକାଇ କହିଲା, ବାପାରେ ମୁଁ ଆଉ ତୋ ସହିତ ଗାଁକୁ ଫେରିବିନି । ତମେ ମାନେ ଫେରିଯାଅ ।ତୁ ଯେତେବେଳେ ମୋ ହାତ ଛାଡ଼ି ଦେଲୁ ମୁଁ ପାଗଳୀ ହୋଇ ଏଠି ସେଠି ବୁଲୁଥିଲି,ଗାଡ଼ି ଧକ୍କାରେ ଖଣ୍ଡିଆ ଖାବରା ହୋଇ ରାସ୍ତା କଡ଼ରେ ମଲା ଭଳି ପଡ଼ି ଯନ୍ତ୍ରଣାରେ ଛଟପଟ ହେଉଥିଲି ସେତେବେଳେ ଏଇ ଆଶ୍ରମର ପୁଅଝିଅମାନେ ମୋତେ ଏଠି ରଖି ଭଲ କରିଛନ୍ତି ।ଆଉ ଆଜି ମୁଁ ଭଲ ଅଛି ଜାଣି ତମେ ମାନେ ଆସିଛ ନେବାକୁ ।ମରିଥିଲେ କେତେ ସମୟ ବିତି ଯାଆନ୍ତାଣି । କୁକୁର କାଉ ମୋତେ ଝୁଣି ଖାଇ ଶେଷ କରିଦେଇଥାନ୍ତେ ।ସବୁ ଆଶା ମଉଳିଯିବା ପରେ ଏମାନେ ମୋତେ ରାହା ସାହା ଦେଇ ପରିବାର ଭଳି ରଖିଛନ୍ତି । ମୁଁ ଏଠୁ ଆଉ ଯିବିନି ।
ସୁର ବୋଉର ଏପରି କଥା ଶୁଣି ସୁର କାନ୍ଦି କାନ୍ଦି ବୋଉକୁ କହିଲା, ବୋଉ ଲ ତୋତେ ଛାଡ଼ି ମୁଁ ବଂଚିବାର କିଛି ମାନେ ନାହିଁ । ମୁଁ ଆଉ ତୋତେ ଛାଡ଼ି କୁଆଡ଼ ? ଯିବିନି । ଗାଁରେ ମୂଲ ଲାଗିବି । ଯାହା ଦୁଇ ପଇସା ଆସିବ ଆମେ ଭଲରେ ରହିବା ।ଆଉ ସହରର କପଟ ପାଲିରେ ମୁଁ ନିଜକୁ ହଜେଇ ବାକୁ ଚ଼ାହେଁନି । ଚ଼ାଲ୍ ବୋଉ ଆମ ଗାଁକୁ ଫେରିଯିବା । ଗାଁରୁ ଯାଇଥିବା ସମସ୍ତ ପିଲା ସୁର ବୋଉକୁ ବହୁତ ବୁଝେଇଲେ ସୁର କୌଣସି ମଣିଷ ମାରିନଥିଲା । ତାକୁ ମିଛ କେଶରେ ଫସେଇ ଦିଆ ହୋଇଥିଲା । ଜରାଶ୍ରମର ମାଲିକ ମଧ ବହୁତ ବୁଝେଇବା ପରେ ସୁର ବୋଉ ରାଜି ହେଲା ସୁର ସହିତ ଘର କୁ ଫେରିବା ପାଇଁ । ସୁର ବୋଉର ଆସିବା ଖବର ଶୁଣି ଗାଁର ପିଲା ଠୁଁ ବୁଢ଼ା ଯାକେ ଛକରେ ଯାଇ ହାଜର ।ସୁର ଓ ତା' ବୋଉକୁ ସାଥିରେ ଦେଖି ସମସ୍ତଙ୍କ ଆଖିରେ ଖୁସିର ଲହରୀ ଖେଳିଯାଇଥିଲା । ସମସ୍ତେ କହୁଥାନ୍ତି ଯାହା ହେଉ ମା' ପୁଅ ଦୁହିଁଙ୍କର ଗ୍ରହ ତୁଟିଲା ।

*ବାରିପଦା,ମୟୂରଭଞ୍ଜ*
*ମୋ: ୮୯୧୭୫୬୧୨୦୨*

